ବର୍ଷ-୨୫, ସଂଖ୍ୟା-୦୯
ଭୁବନେଶ୍ୱର
୦୯, ଜାନୁଆରୀ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 09
Bhubaneswar
09, January, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଓସ୍କାର ୨୦୨୫ରେ ଏଣ୍ଟ୍ରି କଲା 'କଙ୍ଗୁଵା'

**୧୮ତମ ପ୍ରବାସୀ ଭାରତୀୟ ଦିବସ**


# ବିକଶିତ ଭାରତ ପାଇଁ ପ୍ରବାସୀ ଭାରତୀୟଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ












**ଭୁବନେଶ୍ୱର,୮।୧(ମହାଭାରତ):** ସ୍ଥାନୀୟ ଜନତା ମଇଦାନରେ ଆୟୋଜିତ ୧୮ତମ ପ୍ରବାସୀ ଭାରତୀୟ ଦିବସ ଆଜି ଆରମ୍ଭ ହୋଇଛି । ଏହି ତ୍ରି-ଦିବସୀୟ ସମ୍ମିଳନୀର ପ୍ରଥମ ଦିନ "ଯୁବ ପ୍ରବାସୀ ଭାରତୀୟ ଦିବସ" ମହା ସମାରୋହରେ ଉଦଘାଟିତ ହୋଇଛି। ପ୍ରଦୀପ ପ୍ରଜ୍ୱଳନ ସାଙ୍ଗକୁ ମନ୍ତ୍ରଧ୍ୱନି ମୁଖରିତ ପରିବେଶରେ ଆୟୋଜିତ ଏହି ଉଦଘାଟନ ପର୍ବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ. ଏସ୍ . ଜୟଶଙ୍କର, କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ଏଲ୍. ମାଣ୍ଡବ୍ୟ, କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା, ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖାଡସେ, ନ୍ୟୁଜ୍ ୱିକ୍ (ଆମେରିକା)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡଃ. ଦେବ ପ୍ରଗଡ ଯୋଗ ଦେଇଥିଲେ। ଏହି ୩ ଦିନିଆ ସମାରୋହକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ। ଯୁବ ପ୍ରବାସୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ, କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡାମନ୍ତ୍ରୀ ସାମିଲ ହୋଇ ନିଜର ମତ ରଖିଥିଲେ।

ପ୍ରବାସୀ ଭାରତୀୟ ସମ୍ମେଳନରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରବାସୀ ଭାରତୀୟମାନଙ୍କୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ସାରା ଓଡ଼ିଶାବାସୀଙ୍କ ତରଫରୁ ଓଡ଼ିଶା ଓ ମନ୍ଦିମାଳିନୀ ସହର ଭୁବନେଶ୍ୱରକୁ ମୁଁ ସମସ୍ତଙ୍କୁ ସ୍ୱାଗତ କରୁଛି। ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଏହି ସମାରୋହ ଆମ ପାଇଁ ଜୀବନର ଏକ ଅଭୁଲା ସ୍ମୃତି ହୋଇ ରହିବ ଓ ଆଗାମୀ ଦିନରେ ସମ୍ପର୍କର ସେତୁ ଆହୁରି ସୁଦୃଢ ହେବ । ଆପଣମାନେ ସାଂସ୍କୃତିକ ଆମ୍ବାସାଡର। ଆପଣମାନେ ଆମର ଗର୍ବ। ଆମ ଭିତରେ ଥିବା ଭାଇଚାରା ଅନନ୍ୟ, ଓଡ଼ିଶାର ସଂସ୍କୃତି ମହାନ୍। ଆଜି ଓଡ଼ିଶା ବିଶ୍ୱରେ ଖଣି, ଇସ୍ପାତ, ଆଲୁମିନୟମ୍, ସ୍ୱାସ୍ଥ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଛନ୍ତି। ଶିକ୍ଷା, ପର୍ଯ୍ୟଟନ କ୍ଷେତ୍ରରେ ବି ବେଶ୍ ଜଣାଶୁଣା। ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ସମ୍ମେଳନର ଆୟୋଜନ କରିଥିବାରୁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଧନ୍ୟବାଦ ଜଣାଉଛି। ଆପଣମାନେ ଓଡ଼ିଶାର ପୁରୀ, କୋଣାର୍କ, ଚିଲିକା ଓ ଧଉଳି ଆଦି ପର୍ଯ୍ୟଟନସ୍ଥଳୀ ଭ୍ରମଣ କରି ଆନନ୍ଦ ପାଇବେ। ଏହାଛଡ଼ା ଏଠାକାର ଡାଲମା, ରସଗୋଲା, ଛେନାପୋଡ଼ର ମଜା ଉଠାଇବେ। ଏହି ତିନିଦିନ ଆପଣମାନଙ୍କ ଜୀବନର ସ୍ମରଣୀୟ ହୋଇ ରହିବ। ପ୍ରବାସୀଙ୍କୁ ସମ୍ବୋଧନ କରି କହିଛନ୍ତି, ଆପଣମାନଙ୍କ ଉପସ୍ଥିତି ଭୁବନେଶ୍ୱର ପାଇଁ ଆଣିଛି ଖୁସିର ଲହରୀ। ଏହି ସମୟ ଆପଣମାନଙ୍କ ସ୍ମୃତିରେ ରହିବ । ଏହି କାର୍ଯ୍ୟକ୍ରମ ଆୟୋଜନ ଓଡ଼ିଶା ପାଇଁ ଗର୍ବର ବିଷୟ । ଆପଣମାନେ ଆମର ସାଂସ୍କୃତିକ ଆମ୍ବାସଡର, ଆପଣମାନେ ଆମର ଗର୍ବ ଆମର ବିଶ୍ୱାସ ଏହି ଅନୁଭୂତିକୁ ବିଶ୍ୱ ଦରବାରରେ ଆପଣମାନେ ପହଞ୍ଚାଇବେ। ବିକଶିତ ଭାରତ ପାଇଁ ପ୍ରବାସୀ ଭାରତୀୟଙ୍କ ଅନେକ ଅବଦାନ ରହିଛି। କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଶ୍ରୀ ମନ୍ଦିର ସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତୁ ବୋଲି ପ୍ରବାସୀ ଅତିଥିମାନଙ୍କୁ କହିଛନ୍ତି ମୁଖ୍ୟମନ୍ତ୍ରୀ ଆଇଟି ଏବଂ ସ୍କିଲ୍ ଡେଭେଲପମେଣ୍ଟ କ୍ଷେତ୍ରରେ ଓଡ଼ିଶା ଏବେ ଆଗକୁ ବଢୁଛି। ଟେକ୍ନୋଲଜି, ଅକ୍ଷୟ ଶକ୍ତି, ଶିକ୍ଷା ଓ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାରେ ବହୁତ ସମ୍ଭାବନା ଅଛି। ଆପଣ ମାନଙ୍କ ଉପଲବ୍ଧି ଆମକୁ ଖୁସି ଦେଇଥାଏ ପୁରୀ, କୋଣାର୍କ, ଚିଲିକା ଭଳି ପର୍ଯ୍ୟଟନ ସ୍ଥଳୀ ବୁଲିବା ସହ, ଡାଲମା, ଛେନାପୋଡ଼, ରସଗୋଲା ଭଳି ଓଡ଼ିଆ। ଖାଦ୍ୟର ଆନନ୍ଦ ନିଅନ୍ତୁ ବୋଲି କହିଲେ ମୁଖ୍ୟମନ୍ତ୍ରୀ। ଏହା ଦ୍ୱାରା ଓଡ଼ିଶା ସହ ଆପଣ ମାନଙ୍କ ସମ୍ପର୍କ ଆହୁରି ମଜବୁତ ହେବ। ଏକାଠି କାମ କଲେ ଆମେ ଆହୁରି ସଶକ୍ତ ହେବା ଏବଂ ବିକଶିତ ଭାରତ ଗଠନ ହେବ। ବିଦେଶରେ ସେମାନଙ୍କ ଉତ୍କର୍ଷରେ ଆମ୍ଭେମାନେ ଗର୍ବିତ।ପ୍ରବାସୀ ଭାରତୀୟମାନେ ବିଜ୍ଞାନ ଓ କାରିଗରୀ , ବୈଶିକ ସହଯୋଗ ଓ ସରକାରୀ ନୀତି ନିର୍ଦ୍ଧାରଣରେ ସେମାନଙ୍କ ସଫଳତା ପ୍ରଦର୍ଶନ କରିଆସିଛନ୍ତି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି ମଧ କହିଲେ ଯେ, ଉଦ୍ୟୋଗ ପତି ଗୋପୀଚାନ୍ଦ ହିନ୍ଦୁଜା ଓ ଏଲ୍. ଏନ୍, ମିତ୍ତଲ, କର୍ପୋରେଟ ଲିଡର ଇନ୍ଦିରା ନୁୟୀ, ସୁନ୍ଦର ପିଚାଇ ଓ ସତ୍ୟ ନାଡେଲା , ବୈଜ୍ଞାନିକ ଭେଙ୍କଟ ରାମକ୍ରୀଷ୍ଣନ୍ ଏବଂ ଫେସନ ଡିଜାଇନର ବିଭୁ ମହାପାତ୍ରଙ୍କ ପରି ବ୍ୟକ୍ତିତ୍ୱବୃନ୍ଦ ବିଶ୍ୱ ସ୍ତରରେ ଭାରତର ଗୌରବ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରବାସୀ ଭାରତୀୟମାନଙ୍କୁ ଓଡ଼ିଶାର ବିକାଶ ଯାତ୍ରାରେ ସାମିଲ ହେବା ପାଇଁ ଆମନ୍ତ୍ରଣ ଜଣାଇ କହିଲେ ଯେ ଓଡ଼ିଶାରେ ଟେକ୍ନୋଲୋଜି, ଅକ୍ଷୟ ଶକ୍ତି, ଭିତ୍ତିଭୂମି ବିକାଶ, ଶିକ୍ଷା ଓ ପର୍ଯ୍ୟଟନ ଇତ୍ୟାଦି କ୍ଷେତ୍ରରେ ଅପାର ସମ୍ଭାବନା ରହିଛି । ଏସବୁରେ ପୁଞ୍ଜି ନିବେଶ,ସହଭାଗିତା ସାଙ୍ଗକୁ ଓଡ଼ିଶା ସହିତ ସାଂସ୍କୃତିକ ବିନିମୟରେ ଯୋଡ଼ି ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ ।

ଏହି ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କରିଥିଲେ। ଜୟଶଙ୍କର କହିଛନ୍ତି, ବିକଶିତ ଭାରତ ଅଭିମୁଖେ ଆମେ ଗତି କରୁଛେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ବିକଶିତ ଭାରତ ଅଭିମୁଖେ ଯାଉଛୁ।କୋଭିଡ ସମୟରେ ଭାରତ ନିଜସ୍ୱ ଟିକା ତିଆରି କରିଥିଲା। କେବଳ ଏତିକି ନୁହେଁ, ଚନ୍ଦ୍ରଯାନ-୩, ଗଗନଯାନ ମିଶନ ଗୋଟିଏ ଗୋଟିଏ ସଫଳତା ହାସଲ କରିଛନ୍ତି ଭାରତ। ଭାରତ ସହ ପ୍ରବାସୀମାନଙ୍କର ସହଭାଗିତା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବ। ଏଥିସହିତ ୩-ଟି ଟ୍ରେଡ୍, ଟେକ୍ନୋଲୋଜି ଓ ଟୁରିଜମ୍‌ରେ ସାମର୍ଥ୍ୟ ଯୋଗୁ ଓଡ଼ିଶା ପୁଞ୍ଜି ନିବେଶ ପାଇଁ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ପ୍ରବାସୀ ଭାରତୀୟମାନେ ସେମାନଙ୍କର ଜନ୍ମମାଟି ଭାରତ ସହିତ ସବୁବେଳେ ଆତ୍ମୀୟତା ରଖି ଆସିଛନ୍ତି । ବିଶ୍ୱର ଯେଉଁ ଦେଶରେ ରହିଥାନ୍ତୁ ନା କାହିଁକି ଭାରତର ବିକାଶ ପାଇଁ ସେମାନେ ସର୍ବଦା ଇଚ୍ଛୁକ ରହିଥାନ୍ତି । ପ୍ରବାସୀ ଭାରତୀୟ ମାନେ କୃତ୍ରିମ ବୁଦ୍ଧିମତା, ଇଲେକ୍ଟ୍ରୋନିକ ଯାନ, ଡ୍ରୋନ୍ , ବୈଷୟିକ ଜ୍ଞାନ କୈଶଳ, କାରିଗରୀ, ମହାକାଶ ଗବେଷଣା ଆଦି ବିଭିନ୍ନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଛନ୍ତି । ଭାରତ ସହ ସେମାନଙ୍କର ସହଭାଗିତା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଉଲ୍ଲେଖନୀୟ ଯୋଗଦାନ ହେବ ବୋଲି ସେ ପ୍ରକାଶ କରିଥିଲେ । ସେହିପରି କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି, ୧୧୦ ପୂର୍ବେ ଜାତିର (ପୃ-୮)

# ରାଜଧାନୀରେ ଜଘନ୍ୟ ହତ୍ୟାକାଣ୍ଡ





**ଭୁବନେଶ୍ୱର,୮।୧(ମହାଭାରତ):** ଆଜି ଭୁବନେଶ୍ୱରରେ ଛାତି ଥରାଇଦେବା ଭଳି ହତ୍ୟାକାଣ୍ଡ ଘଟଣା ରାଜଧାନୀବାସୀଙ୍କୁ ପୁରା ସ୍ତବ୍ଧ କରିଦେଇଛି। ସଫେଇ କର୍ମଚାରୀ ସଂଘ ସଭାପତି ତଥା ପୋଲିସ ମିତ୍ର ଭାବେ କାର୍ଯ୍ୟରତ ସହଦେବ ନାୟକଙ୍କୁ ବିଚ୍ ରାସ୍ତାରେ ବୀଭସ୍ୟ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଏହି ବୀଭସ୍ସ ହତ୍ୟାକାଣ୍ଡର ମହିଳା ମାଷ୍ଟରମାଇଣ୍ଡ ସମେତ ୨ ସୁପାରୀକିଲରଙ୍କୁ ନୟାଗଡ଼ରୁ ଗିରଫ କରିଛି ଭୁବନେଶ୍ୱର କମିଶନରେଟ୍ ପୁଲିସ୍। ସେମାନେ କେଦାରପଲ୍ଲୀ ଅଞ୍ଚଳର ବୋଲି ଜଣାଯାଇଛି। ଏନେଇ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ବ୍ରାଉନସୁଗାରକୁ ନେଇ ଏହି ଜଘନ୍ୟ କାଣ୍ଡ ହୋଇଥିବା ଅନୁମାନ କରାଯାଉଛି।

ଭୁବନେଶ୍ୱର କେଦାରପଲ୍ଲୀ ବସ୍ତିରେ ସହଦେବ ନାୟକ ଘର। ସେ ହେଉଛନ୍ତି ସଫେଇ କର୍ମଚାରୀ ସଂଘର ସଭାପତି। ଏଥିସହ ପୁଲିସ୍ ମିତ୍ର ଭାବେ କାମ କରୁଥିଲେ। ବସ୍ତିରେ ଚାଲିଥିବା ନିଶା କାରବାରକୁ ସେ ବିରୋଧ କରୁଥିଲେ। ତେବେ ସେହି ବସ୍ତିର ଜଣେ ମହିଳା ଦୀର୍ଘ ସମୟ ଧରି ବ୍ରାଉନ୍‌ସୁଗର ବ୍ୟବସାୟ କରୁଥିଲେ ତାଙ୍କୁ ଅବକାରୀ ବିଭାଗ ଓ କମିଶନରେଟ୍ ପୁଲିସ୍ ଗିରଫ କରିଥିଲା।କିଛି ଦିନ ଜେଲ୍‌ରେ ରହିବା ପରେ ବ୍ରାଉନ୍‌ସୁଗର କାରବାର କରୁଥିବା ମହିଳା ଜଣକ ଜେଲ୍‌ରୁ ବାହାରିଥିଲେ।ଜେଲ୍‌ରୁ ବାହାରିବା ପରେ ପ୍ରତିଶୋଧ ପରାୟଣା ହୋଇପଡ଼ିଥିଲେ। ତାଙ୍କ ଜେଲ୍ ଯିବା ପଛରେ ସହଦେବ ନାୟକଙ୍କ ହାତ ଥିବା ସେ ସନ୍ଦେହ କରୁଥିଲେ। ତେଣୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ମହିଳା ଜଣକ ଯୋଜନା କରିଥିଲେ। ସେଥିପାଇଁ ଦୁଇ ସୁପାରୀ କିଲରଙ୍କ ସହଯୋଗ ଲୋଡିଥିଲେ। ଡିଲ୍ ଫାଇନାଲ୍ ହେବା ପରେ ଗତ କିଛି ଦିନ ହେଲା ସେମାନେ ସହଦେବ ନାୟକଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଏପରିକି ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲେ ହେଲେ ସଫଳ ହୋଇନଥିଲେ। ସହଦେବ ନାୟକ ସଫେଇ କର୍ମଚାରୀ ସଂଘ ସଭାପତି ହୋଇଥିବାରୁ ପ୍ରତିଦିନ ଭୋରୁ ଉଠି ରାଜଧାନୀର ବିଭିନ୍ନ ଗଳି ଓ ଛକ ବୁଲି ଦେଖୁଥିଲେ। ସବୁଦିନ ପରି ଆଜି ଭୋରରୁ ସେ ସ୍କୁଟିରେ ଘରୁ ବାହାରିଥିଲେ। ତେବେ ଆଜି ସଫେଇ କର୍ମଚାରୀଙ୍କ ପାଇଁ ଭୋଜି ଆୟୋଜନ ହୋଇଥିବାରୁ ତରତର ହୋଇ ବିଭିନ୍ନ ଛକ ବୁଲୁଥିଲେ। ଆଉ ସମସ୍ତଙ୍କ ଶୁଖ ଦୁଃଖ ବୁଝିବା ସହିତ ଭୋଜିକୁ ଯିବା ପାଇଁ ନିମନ୍ତ୍ରଣ କରିଥିଲେ।ସକାଳେ ସଫେଇ କର୍ମଚାରୀଙ୍କ ସହିତ କଥା ହେଉଥିବା ବେଳେ ଖାସି କାଟିଥିବା ବ୍ୟକ୍ତି ଜଣକ ମାଂସ ନେଇଯିବା ପାଇଁ ତାଙ୍କୁ କହିଥିଲେ। ତାପରେ ସହଦେବ ବାଣୀବିହାର ଓଭରବ୍ରିଜ୍ ଦେଇ ରସୁଲଗଡ଼ ଅଭିମୁଖେ ଯାଉଥିଲେ। ଠିକ୍ ସେତିକି ବେଳେ ବ୍ରାଉନ୍‌ସୁଗର ବେପାରୀ(ମହିଳା)ଙ୍କ ଦୁଇ ସୁପାରୀକିଲ ବାଇକ୍‌ରେ ଦ୍ରୁତ ଗତିରେ ଆସି ଏକ ଖଣ୍ଡାରେ ତାଙ୍କ ବେକ କାଟି ଦେଇ ଚମ୍ପଟ ମାରିଥିଲେ। ଜାତୀୟ ରାଜପଥରେ ତାଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଥିଲା।

ସକାଳେ ସକାଳେ ସହଦେବଙ୍କ ମର୍ଡରକୁ ନେଇ ଅଶାନ୍ତ ହୋଇଥିଲା ରାଜଧାନୀ ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଡି ବସିଥିଲେ ସଫେଇ କର୍ମଚାରୀ ଓ ପରିବାର ଲୋକ। ଘଟଣାର ତଦନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ପୁଲିସ୍ ଅଭିଯୁକ୍ତଙ୍କ ମୋବାଇଲ୍ ଲୋକେସନ୍ ଟ୍ରାକ୍ କରି ପିଛା କରିଥିଲା। ଶେଷରେ ସେମାନଙ୍କୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳରୁ ଧରିଥିଲା। ପଚରାଉଚରା ପରେ ସହଦେବଙ୍କୁ ମର୍ଡର କରିବା ସ୍ୱୀକାର କରିଥିଲେ। ଏହି ମାମଲା ବ୍ରାଉନ୍‌ସୁଗର ମାଫିଆ(ମହିଳା) ଓ ତାଙ୍କର ଦୁଇ ସୁପାରୀକିଲଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ୍।

## ୨୦ରୁ ଧାଡ଼ି ଦର୍ଶନ

ଭୁବନେଶ୍ୱର,୮।୧(ମହାଭାରତ): ଚଳିତ ମାସ ୨୦ ତାରିଖ ଠାରୁ ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ ହେବ। ଏନେଇ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ତୀବ୍ର କରାଯାଇଛି । ଶ୍ରଦ୍ଧାଳୁମାନେ ୬ଥାକିଆ। ବେରିକେଡ୍ ଦେଇ ଶ୍ରୀମନ୍ଦିର ପରିସରକୁ ପ୍ରବେଶ ସହ ମହାପ୍ରଭୁଙ୍କ ଦର୍ଶନ କରିବେ। ଏନେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି ।

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ଓ ରତ୍ନଭଣ୍ଡାର ପ୍ରସଙ୍ଗରେ ଆଇନମନ୍ତ୍ରୀ କହିଛନ୍ତି, ଆସନ୍ତା ୨୦ ତାରିଖରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ସେ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି।ନାଟମଣ୍ଡପ ଭିତରେ ଭକ୍ତମାନେ ଶୃଙ୍ଖଳିତ ଭାବେ ପ୍ରବେଶ କରି ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ସେନେଇ ୬ ଥାକିଆ। ବାରିକେଡ୍ କରାଯାଇଛି। ଖୁବଶୀଘ୍ର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ରତ୍ନଭଣ୍ଡାର ମରାମତି ସମ୍ପୂର୍ଣ୍ଣ ହେବା ମାତ୍ରେ ପରବର୍ତ୍ତୀ ସପ୍ତାହ ଠାରୁ ଗଣତିମଣତି କରାଯିବ। ସେହିପରି ଶ୍ରୀମନ୍ଦିର ପରିକ୍ରମା ପାଇଁ ନୂଆ ଡିଜାଇନ୍ ହେବ। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଖୁବଶୀଘ୍ର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ରତ୍ନଭଣ୍ଡାର ମରାମତି ସମ୍ପୂର୍ଣ୍ଣ ହେବା ମାତ୍ରେ ପରବର୍ତ୍ତୀ ସପ୍ତାହ ଠାରୁ ଗଣତିମଣତି କରାଯିବ।



ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୁଲତୋଡ଼ା ଦେଇ ପାଛୋଟି ଆଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ତିରୁପତି ମନ୍ଦିରରେ ଦଳାଚକଟା, ୬ ଶ୍ରଦ୍ଧାଳୁ ମୃତ

ଅମରାବତୀ,୮।୧(ମହାଭାରତ): ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଆଜି ଏକ ବଡ ଅଘଟଣ ଘଟିଛି। ତିରୁପତି ମନ୍ଦିରରେ ଦଳାଚକଟାରେ ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଛି। ସେହିପରି ଦଳାଚକଟାରେ ଅନେକ ଲୋକ ଆହତ ହୋଇଥିବା ଖବର ରହିଛି। ୬ ଜଣ ଶ୍ରଦ୍ଧାଳୁ ଗୁରୁତର ଆହତ ହୋଇଥିବାବେଳେ ପ୍ରାଥମିକ ସୂଚନା ମୁତାବକ ତିରୁପତିସ୍ଥିତ ବାର୍ଷିକ ବୈକୁଣ୍ଠ ଦର୍ଶନ ଟିକେଟ୍ କାଉଣ୍ଟରରେ ବିଶୃଙ୍ଖଳା ହୋଇଥିଲା, ଆଉ ଟିକେଟ ନେବା ପାଇଁ ଦଳାଚକଟାରେ ଏଭଳି ପରିସ୍ଥିତି ଉପୁଜିଥିଲା। ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ସେ ଘଟଣା ବାବଦରେ ଅବଗତ ଅଛନ୍ତି ଏବଂ ଆହତମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ପକ୍ଷରୁ ବୈକୁଣ୍ଠ ଏକାଦଶୀ ଏବଂ ବୈକୁଣ୍ଠ ଦ୍ୱାର ଦର୍ଶନ ଜାନୁୟାରୀ ୧୦ ରୁ ଜାନୁୟାରୀ ୧୯ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଆଉ ଏହାର ଟିକେଟ ନେବାକୁ ଲୋକଙ୍କ ମଧରେ ଗହଳି ହୋଇଥିଲା। ଏହି ସମୟରେ ଠେଲାପେଲା ପରିସ୍ଥିତି ଉପୁଜିଥିଲା। ପରିସ୍ଥିତି ବିଗିଡିବା ଦେଖି ତିରୁପତି ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। କୁହାଯାଉଛି ଯେ ପ୍ରାୟ ୪୦୦୦ ଲୋକ ଦର୍ଶନ ପାଇଁ ଧାଡିରେ ଠିଆ। ହୋଇଥିଲେଫ ମନ୍ଦିର କମିଟିର ଅଧକ୍ଷ ବି.ଆର ନାଇଡୁ ପରିସ୍ଥିତି ସମ୍ପର୍କରେ ଏକ ଜରୁରୀ ବୈଠକ ଡାକିଛନ୍ତି।

## ଆୟୁଷ୍ମାନ ଯୋଜନା ପାଇଁ ୧୩ରେ ଏମ୍‌ଓୟୁ

ଭୁବନେଶ୍ୱର,୮।୧(ସ୍ୱାଧିକାରନ୍ୟୁଜ): ଆସନ୍ତା ଜାନୁଆରୀ ୧୩ ତାରିଖରେ ଆୟୁଷ୍ମାନ ଯୋଜନା ପାଇଁ କେନ୍ଦ୍ର ସରକାର ସହିତ ରାଜ୍ୟ ସରକାରଙ୍କ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ। ଦିଲ୍ଲୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି ନଡ୍ଡାଙ୍କ ଉପସ୍ଥିତିରେ ହେବ ଏମ୍‌ଓୟୁ। ଏଥିପାଇଁ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବୁଝାମଣା ସ୍ୱାକ୍ଷରିତ ହେବା ପରେ ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଯୋଜନା। ଗୋଟିଏ କାର୍ଡରେ ଉପଲବ୍ଧ ହେବ ସ୍ୱାସ୍ଥ୍ୟସେବା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ଯାଜନା ପୁରୁଣା କାର୍ଡକୁ ହଟାଇ ଖୁବଶୀଘ୍ର ଦିଆଯିବ ନୂଆ କାର୍ଡ ।ପୁରୁଣା କାର୍ଡର ପରିବର୍ତ୍ତନ ହେବ ଲୋଗୋ। ଏକ କୋଟି ପରିବାର ଏବଂ ସାଢେ ତିନି କୋଟି ଲୋକ ଏହାର ଲାଭ ପାଇବେ।

ଏଥିରେ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ରହିବ। ମିଳିଥିବା ସୂଚନା ଅନୁସାରେ, ୬୭ ଲକ୍ଷ ପରିବାରକୁ ରାଜ୍ୟ ତାର ନିଜସ୍ୱ ପାଣ୍ଠିରୁ ଓ ୩୩ ଲକ୍ଷ ପରିବାରର ବୀମା ଟଙ୍କା କେନ୍ଦ୍ର ସରକାର ବହନ କରିବେ ଦେଶର ୩୦ ହଜାର ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ ହିତାଧିକାରୀ ଯୋଜନାର କାର୍ଯ୍ୟକାରୀତା ନେଇ କେନ୍ଦ୍ରୀୟ ଟିମ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଛନ୍ତି।

# ଖୋଲୁଛି ଠକରାଣୀଙ୍କ ଗୁମର

**ଭୁବନେଶ୍ୱର,୮।୧(ମହାଭାରତ):** ଠକେଇ ରାଣୀ ହଂସିକା ଅଭିଲିପ୍ସାଙ୍କ ସ୍ୱାମୀ ସରୋଜ ସାହୁଙ୍କୁ ରାଜଧାନୀ ଭୁବନେଶ୍ୱରରୁ ଧରିଥିବା ବେଳେ ଆଉ ଜଣେ ସ୍ୱାମୀଙ୍କ ଘରେ ଘାଣ୍ଟିଛି ଆୟକର ବିଭାଗ(ଆଇଟି)। ଆଜି ଦିନ ତମାମ ହଂସିକାଙ୍କ ସ୍ୱାମୀ ମନୋଜ ଆଚାର୍ଯ୍ୟ ଘରେ ଚଢ଼ଉ କରିଛି। ଏଥିସହ ମନୋଜ ଆଚାର୍ଯ୍ୟ, ତାଙ୍କ ବାପା ଓ ବଡ଼ଭାଇଙ୍କୁ ଘନଘନ ଜେରା କରିଛି। ତାଙ୍କ ଘରୁ ମିଳିଥିବା କାଗଜପତ୍ର ଧରି ବାଲିଗୁଡ଼ା ଏସବିଆଇ ବ୍ୟାଙ୍କ ଯାଇ ତନାଘନା କରିଛି। ଏଥିସହ ତାଙ୍କର ଗୁମର ପେଡ଼ି ଖୋଲିବାରେ ଲାଗିଛି।

ଠକେଇ ରାଣୀ ମହୁମାଛି ହଂସିକା ଅଭିଲିପ୍ସାଙ୍କ ସ୍ୱାମୀ ମନୋଜ ଆଚାର୍ଯ୍ୟଙ୍କ ଘର କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ। ହଂସିକାଙ୍କ ଠକେଇର ଖିଅ ଖୋଜିବା ପାଇଁ ମଙ୍ଗଳବାରଠାରୁ ସେଠାରେ ଆୟକର ବିଭାଗର ଏକାଧିକ ଟିମ୍ ଡେରା ପକାଇଛି। ଆଜି ହଂସିକା ଅଭିଲିପ୍ସାଙ୍କ ସ୍ୱାମୀ ମନୋଜ ଆଚାର୍ଯ୍ୟଙ୍କ ସମେତ ଶ୍ୱଶୁର ସୀମାଞ୍ଚଳ ଆଚାର୍ଯ୍ୟ ଓ ଦେଢଶୁର ମାନସ ଆଚାର୍ଯ୍ୟଙ୍କୁ ଆୟକର ଅଧିକାରୀ ମାରାଥନ ଜେରା କରିଛି। ଏଥିସହ ମନୋଜ ଆଚାର୍ଯ୍ୟଙ୍କ ବାସଭବନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ହଂସିକାଙ୍କ ଆର୍ଥିକ କାରବାରରେ ସେମାନଙ୍କର କ'ଣ ସବୁ ସମ୍ପର୍କ ରହିଛି ? ସେ ନେଇ ଅଧିକାରୀ ଖୋଳତାଡ଼ ଜାରି ରଖିଛନ୍ତି। ଆୟକର ବିଭାଗ ଟିମ୍। ସେଠାରେ ମଧ ତନାଘନା କରିଥିଲେ। ଗୋଟିଏ ଟିମ୍ ମନୋଜଙ୍କ ଘରେ ଖାନତଲାସୀ କରୁଥିବା ବେଳେ ଆଉ ଗୋଟିଏ ଟିମ୍ ବ୍ୟାଙ୍କରେ ଖୋଳତାଡ଼ କରିଥିଲା।



ସେପଟେ ଆଜି ଅପରାହ୍ନରେ ରାଜଧାନୀ ଭୁବନେଶ୍ୱରରୁ ହଂସିକା ଅଭିଲିପ୍ସାଙ୍କ ସ୍ୱାମୀ ସରୋଜଙ୍କୁ ଧରିଥିଲା ଆୟକର ବିଭାଗ। ନିଜର ସାଥୀଙ୍କ ସହ ସରୋଜ କାର ଭିତରେ ବସିଥିବା ବେଳେ ଆୟକର ବିଭାଗ ଘେରାବନ୍ଦୀ କରି ମାଡ଼ି ବସିଥିଲା। ତାଙ୍କୁ ହେପାଜତକୁ ନେଇ ଏବେ ପଚରାଉଚରା କରୁଛି।

କଳାହାଣ୍ଡି ନର୍ଲାର ବିଷ୍ଣୁପ୍ରିୟା ଚନ୍ଦ। ମାଆଙ୍କ ମୃତ୍ୟୁ ପରେ ଭୁବନେଶ୍ୱରରେ ପାଠ ପଢ଼ିଥିଲେ ! ଆଉ ବାହା ହୋଇଥିଲେ ବ୍ରହ୍ମପୁରର ପ୍ରତିଷ୍ଠିତ ମଦ ବ୍ୟବସାୟୀ ସରୋଜ ସାହୁଙ୍କୁ। ବିବାହ ପରେ ଉଭୟଙ୍କ ଔରସରୁ ଗୋଟିଏ ପୁଅ ହୋଇଥିଲା। ଉଚ୍ଚାଭିଳାଷୀ ବିଷ୍ଣୁପ୍ରିୟା କୋଟିପତି ହେବା ପାଇଁ ଦେଖିଥିଲେ ଅନେକ ସ୍ୱପ୍ନ। ଆଉ ଏଥିରେ ତାଙ୍କୁ ତାଙ୍କ ସ୍ୱାମୀ ସରୋଜ ସାହୁ ସହଯୋଗ କରିଥିବା ଅଭିଯୋଗ ହେଉଛି।

ଠକେଇର ପ୍ରଥମ ପାହାଚ ରାଜଧାନୀ ଭୁବନେଶ୍ୱରରେ ଚଢ଼ିଥିଲେ। ବହୁରୂପୀ ଏଣ୍ଡୁଅ ପରି ସିଏ ପ୍ରଥମେ ନିଜର ରୂପ ଓ ବେଶ ପରିବର୍ତ୍ତନ କରିଥିଲେ। ନିଜର ପୃଥୁଳକାୟ ଶରୀରକୁ କମାଇ ସ୍ଲିମ୍ଟ୍ରିମ୍ ହୋଇଥିଲେ। ୨୦୧୭ ମସିହାରେ ୧୦୭ କେଜିରୁ ୫୮ କେଜି ହୋଇଥିଲେ। ମୁଖମଣ୍ଡଳର ରୂପ ମଧ ବଦଳାଇଥିଲେ। ତା'ପରେ ବିଛାଇ ଚାଲିଲେ ଠକେଇ ଜାଲ୍। ଓଜନ ଓ ରୂପ ବଦଳାଇଥିବା ବିଷ୍ଣୁପ୍ରିୟା ନିଜର ନାଁ ରଖିଥିଲେ ହର୍ଷିତା ମିଶ୍ର। ନିଜକୁ ହର୍ଷିତା ମିଶ୍ର ରୂପେ ଗଢ଼ିବା ପରେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ପି.କେ ମିଶ୍ରଙ୍କ ଝିଅର ପରିଚୟ ଦେଇ କର୍ପୋରେଟ୍ ଠକେଇ ଆରମ୍ଭ କରିଥିଲେ। ଅଭିଯୋଗ ଅନୁସାରେ ସିଏ କୁଆଡେ କୋଟି କୋଟି ଟଙ୍କା ଠକେଇ କରିଥିଲେ।ଧରା ପଡ଼ିବା ଭୟରେ ହର୍ଷିତା ମିଶ୍ରରୁ ସେ ପାଲଟି ଯାଇଥିଲେ ହଂସିକା ଅଭିଲିପ୍ସା। ଆଉ ବଡ଼ବଡ଼ ବିଲ୍ଡର, ଖଣି ବ୍ୟବସାୟୀ ଓ ଧନୀ ଶ୍ରେଣୀର ଲୋକଙ୍କୁ ଠକି ଚାଲିଥିଲେ। କାହାକୁ ଛାଡ଼ିଲେ ନାହିଁ। ଅଭିଯୋଗ ହେଉଛି ହଂସିକା ଅଭିଲିପ୍ସା ଯେଉଁଠିକି ଯାଉଥିଲେ ସେଠାରେ ଗୋଟାଏ ଲେଖାଏଁ ସ୍ୱାମୀ ଚୟନ କରୁଥିଲେ। ଆଉ ତା'ପରେ ବଡ଼ବଡ଼ିଆଙ୍କ ସହରରେ କର୍ପୋରେଟ୍ ଅଫିସ୍ ଖୋଲି ଖୁଲମଖୋଲା ଠକୁଥିଲେ। ଯାହାର ହିସାବ କାହା ପାଖରେ ନାହିଁ। ବର୍ତ୍ତମାନ ସୁଦ୍ଧା ତାଙ୍କ ନାଁରେ ଓଡ଼ିଶା ସମେତ ଝାରଖଣ୍ଡ ଓ ଛତିଶଗଡ଼ରୁ ଅଭିଯୋଗ ଆସିଲାଣି।

ଛତିଶଗଡ଼ରେ କର୍ପୋରେଟ୍ ଅଫିସ କାଗଜପତ୍ରରେ ହଂସିକା ଅଭିଲିପ୍ସାଙ୍କ ସ୍ୱାମୀ ମନୋଜ ଆଚାର୍ଯ୍ୟ, ଁ ଝାରଖଣ୍ଡ କର୍ପୋରେଟ୍ ଅଫିସରେ ସ୍ୱାମୀଙ୍କ ନାମ ସରୋଜ ସାହୁ ଓ ଭୁବନେଶ୍ୱରରେ ଖୋଲିଥିବା କର୍ପୋରେଟ୍ ଅଫିସରେ ହଂସିକା ଅଭିଲିପ୍ସାଙ୍କ ସ୍ୱାମୀ ଅନୀଲ ମହାନ୍ତି ବୋଲି ଲେଖା ରହିଥିବା ଅଭିଯୋଗ ହୋଇଛି।

## ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଋମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :


ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଋମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



ଖବର

## ଏହି କାରଣ ପାଇଁ 'ଆଶିକୀ-୩'ରୁ ବାହାର ହେଲେ ତୃପ୍ତି ଡିମ୍ରି





ବଲିଉଡ ଅଭିନେତା କାର୍ତ୍ତିକ ଆରୟନ ତାଙ୍କ ଚଳଚ୍ଚିତ୍ରକୁ ନେଇ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ଶେଷ ଥର ପାଇଁ 'ଭୁଲ ଭୁଲେୟା-୩'ରେ ନଜର ଆସିଥିବା କାର୍ତ୍ତିକ ଆଗକୁ ଫିଲ୍ମ 'ଆଶିକୀ-୩'ରେ ନଜର ଆସିବେ। ଅନୁରାଗ ବାସୁ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେୟ ଖୁବଶୀଘ୍ର ଫିଲ୍ମର ସୁଟିଂ ଆରମ୍ଭ ହେବ ବୋଲି କୁହାଯାଉଥିବା ବେଳେ ଏବେ ଫିଲ୍ମର ସୁଟିଂ ତାରିଖ ଘୁଞ୍ଚିଥିବା ଜଣାପଡ଼ିଛି। ଫିଲ୍ମରେ ଅଭିନେତ୍ରୀ ତୃପ୍ତି ଡିମ୍ରି ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି ନିର୍ମାତା ସ୍ଥିର କରିଥିଲେୟ ହେଲେ ଏବେ ତାଙ୍କୁ ଫିଲ୍ମରୁ ବାହାର କରାଯାଇଛ। ଚରିତ୍ର ପାଇଁ ସେ ଫିଟ୍ ନୁହନ୍ତି ବୋଲି କହି ତାଙ୍କୁ ବାହାର କରାଯାଇଥିବା ଜଣାପଡ଼ିଛି। ଏଥିପାଇଁ ସୁଟିଂ ବିଳମ୍ବରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି।କୁହାଯାଉଛି ଯେ, ତୃପ୍ତିଙ୍କ ଲୋକପ୍ରିୟତାକୁ ଦେଖି ନିର୍ମାତା ତାଙ୍କୁ ଫିଲ୍ମରେ କାଷ୍ଟ କରିଥିଲେ। କିନ୍ତୁ ଲଗାତାର ତାଙ୍କ ଫିଲ୍ମ ଫ୍ଲପ ହେବା ସହ ତାଙ୍କର କ୍ରେଜ୍ କମିବାରୁ ଏବେ ନିର୍ମାତାଙ୍କ ମନ ବଦଳିଛି। ସେ ଫିଲ୍ମ ପାଇଁ ଏକ ନୂଆ ମୁହଁ ଖୋଜୁଛନ୍ତି। ଫିଲ୍ମର କାହାଣୀ ବଦଳାଯିବା ସହ ଏକ ନୂଆ ମୁହଁକୁ ନିର୍ମାତା ଆଣିବାକୁ ଯୋଜନା କରୁଥିବା ଜଣାଯାଇଛି। ତେବେ ଏଥିରେ କେତେ ସତ୍ୟତା ରହିଛି ତାହା ସ୍ପଷ୍ଟ ହୋଇନାହିଁ।

## ରାବିଡ଼ି ମାଲପୁଆ

ଆବଶ୍ୟକ ସାମଗ୍ରୀ: ମଇଦା, ଖୁଆ, କ୍ଷୀର, ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ବାଦାମ, କଟା ଆଲମଣ୍ଡ, ଚିନି, ପାନମଧୁରୀ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରାବିଡ଼ି ତିଆରି କରିବା ପାଇଁ ଏକ ପ୍ୟାନରେ କ୍ଷୀର ଗରମ କରନ୍ତୁ। ଏହାକୁ ହାଲକା ଆଞ୍ଚରେ ଫୁଟାନ୍ତୁ। ଏବେ ଏଥିରେ ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ଏବଂ କଟା ଆଲମଣ୍ଡ ପକାଇ ଭଲ ଭାବେ ମିଶାଇ ଫୁଟାନ୍ତୁ। କ୍ଷୀର ମରି ରାବିଡ଼ି ବହଳିଆ ହୋଇଆସିଲେ ଏହାକୁ ଏକ ପାତ୍ରରେ ବାହାର କରି ଫ୍ରିଜରେ ଥଣ୍ଡା ହେବା ପାଇଁ ଘଣ୍ଟାଏ ଛାଡ଼ି ଦିଅନ୍ତୁ।ଏଥିପାଇଁ ପ୍ରଥମେ ଏକ ପାତ୍ରରେ ମଇଦା, ଖୁଆ, ଚିନି ଓ ପାନମଧୁରୀକୁ ମିଶାନ୍ତୁ। ଏଥିରେ ପାଣି ଗୋଳାଇ ଭଲ ଭାବେ ନରମ କରି ଚକଟି ଦିଅନ୍ତୁ। ଏହି ମିଶ୍ରଣରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ରୁଟି ବେଲିଲା ପରି ବେଲି ଦିଅନ୍ତୁ। ଏବେ ଏକ କଡ଼େଇରେ ଘିଅ କିମ୍ବା ତେଲ



ଗରମ କରି ସେଥିରେ ମାଲପୁଆଗୁଡ଼ିକୁ ପକାଇ ଛାଣନ୍ତୁ। ମାଲପୁଆର ରଙ୍ଗ ଗୋଲଡେନ୍ ରେଡ୍ ହେବା ଯାଏ କମ୍ ଆଞ୍ଚରେ ଛାଣନ୍ତୁ। ଛାଣିବା ପରେ ଏହାକୁ ଏକ ପ୍ଲେଟ୍‌କୁ ବାହାର କରି ରଖନ୍ତୁ। ଶିରା ପ୍ରସ୍ତୁତ କରିବା ପାଇଁ ଚିନିରେ ଅଳ୍ପ ପାଣି ମିଶାନ୍ତୁ। ଏବେ ଏଥିରେ ଅଳ୍ପ କେସର ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହାକୁ ଭଲଭାବେ ଫୁଟାନ୍ତୁ। ପ୍ରସ୍ତୁତ ହୋଇଗଲା ଶିରା। ବର୍ତ୍ତମାନ ଏହି ଶିରାରେ ମାଲପୁଆଗୁଡ଼ିକୁ ପକାନ୍ତୁ। ମାଲପୁଆ ନରମ ହୋଇଗଲେ ଏକ ପ୍ଲେଟ୍‌କୁ କାଢ଼ି ଆଣନ୍ତୁ। ଏବେ ଏହା ଉପରେ ରାବିଡ଼ି ଢାଳନ୍ତୁ। କଟା ଆଲମଣ୍ଡ୍ ଏବଂ କଟା ପେସ୍ତାରେ ଏହାକୁ ସଜାନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କ ରାବିଡ଼ି ମାଲପୁଆ।

## ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ। ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ଏପରି



ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।

କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢ଼ିଥାଏ ।

## ନର୍ମଦା ନଦୀକୁ ଶିବଙ୍କ ବରଦାନ



ପବିତ୍ର ନର୍ମଦା ନଦୀର ସୃଷ୍ଟିକୁ ନେଇ ଏକାଧିକ ମାନ୍ୟତା ରହିଛି । ଏହି ନଦୀ ଅସଂଖ୍ୟ ଲୋକଙ୍କ ଜୀବନଧାରା ପାଲଟିଛି । ନର୍ମଦାର ସୃଷ୍ଟି କାହାଣୀ ମଧ୍ୟ ବେଶ୍ ରୋଚକ । ନର୍ମଦା ନଦୀର ଜନ୍ମ ଏବଂ ପୃଥିବୀରେ ଅବତରଣକୁ ନେଇ ଏକାଧିକ ପୌରାଣିକ କାହାଣୀ ରହିଛି । ପ୍ରଥମ ମାନ୍ୟତା ଅନୁଯାୟୀ, ତପସ୍ୟାମଗ୍ନ ଥିଲାବେଳେ ଭଗବାନ ଶିବଙ୍କ ଶରୀରରୁ ବାହାରିଥିବା ଝାଳରୁ ନର୍ମଦା ନଦୀ ପ୍ରକଟ ହୋଇଥିଲେ । ନର୍ମଦା ନଦୀ ପ୍ରକଟ ହେବା ପରେ ନିଜର ଅପୂର୍ବ ସୌନ୍ଦର୍ଯ୍ୟ ମାଧ୍ୟମରେ ଏପରି ଚମତ୍କାର ଲୀଳା ପ୍ରଦର୍ଶନ କରିଥିଲେ ଯେ ଶିବ-ପାର୍ବତୀ ମଧ୍ୟ ଚକିତ ହୋଇଯାଇଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ନଦୀର ନାମକରଣ କରି ଶିବ କହିଥିଲେ ଯେ ଦେବୀ ! ତୁମେ ଆମକୁ ସୁଖ ପ୍ରଦାନ କରିଛ, ତେଣୁ ତୁମ ନାମ ନର୍ମଦା ହେବ । 'ନର୍ମ'ର ଅର୍ଥ- ସୁଖ ଏବଂ 'ଦା'ର ଅର୍ଥ ପ୍ରଦାନକାରୀ । ନର୍ମଦାର ଅନ୍ୟ ନାମ ମଧ୍ୟ ରେଓ୍ୱା ।


ଅନ୍ୟ ଏକ ମାନ୍ୟତା ଅନୁଯାୟୀ, ମୈକଲ ପର୍ବତରେ ଭଗବାନ ଶଙ୍କର ଏକ ୧୨ ବର୍ଷର ଦିବ୍ୟ କନ୍ୟାକୁ ସୃଷ୍ଟି କରିଥିଲେ । ମହାରୂପବତୀ ହୋଇଥିବା କାରଣରୁ ବିଷ୍ଣୁ ଆଦି ଦେବଗଣ ଏହି କନ୍ୟାର ନାମକରଣ କରି 'ନର୍ମଦା' ରଖିଥିଲେ । ଦିବ୍ୟ କନ୍ୟା ନର୍ମଦା ଉତ୍ତରବାହିନୀ ଗଙ୍ଗା କୂଳରେ କାଶୀର ପଞ୍ଚକୋଶୀ କ୍ଷେତ୍ରରେ ୧୦ ହଜାର ବର୍ଷ ପର୍ଯ୍ୟନ୍ତ ତପସ୍ୟା କରିବା ପରେ ଶିବଙ୍କ ଠାରୁ ଏକ ବିଶେଷ ବରଦାନ ପାଇଥିଲେ । ଏହି ବରଦାନ ଅନ୍ୟ କୌଣସି ନଦୀ ନିକଟରେ ନଥିଲା ।

ଭଗବାନ ଶିବଙ୍କୁ ନର୍ମଦା ବର ମାଗିଥିଲେ ଯେ ପ୍ରଳୟ କାଳରେ ମଧ୍ୟ ମୋର ବିନାଶ ହେବ ନାହିଁ । ମୁଁ ବିଶ୍ୱରେ ପାପନାଶିନୀ ନଦୀ ରୂପରେ ପ୍ରସିଦ୍ଧି ଲାଭ କରିବି । ମୋ ଶଯ୍ୟାରେ ଥିବା ପ୍ରତ୍ୟେକ ପଥର ଶିବଲିଙ୍ଗ ରୂପରେ ବିନା ପ୍ରାଣପ୍ରତିଷ୍ଠାରେ ପୂଜା ପାଇବ । ମୋର ତଟରେ ଶିବ-ପାର୍ବତୀଙ୍କ ସମେତ ସମସ୍ତ ଦେବାଦେବୀ ବାସ କରିଥିଲେ । ଶିବ ମଧ୍ୟ ଏ ସମସ୍ତ ବରଦାନ ନର୍ମଦାଙ୍କୁ ପ୍ରଦାନ କରିଥିଲେ ।

ଏହି କାରଣରୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନର୍ମଦା ନଦୀକୁ ଗଙ୍ଗାଙ୍କ ଭଳି ପବିତ୍ର ବୋଲି ବିବେଚନା କରାଯାଇଥାଏ । ସ୍କନ୍ଦ ପୁରାଣରେ ନର୍ମଦା ନଦୀର ଧରାବତରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି । ଥରେ ରାଜା ହିରଣ୍ୟତେଜା ୧୪ ହଜାର ଦିବ୍ୟ ବର୍ଷ ପର୍ଯ୍ୟନ୍ତ ତପସ୍ୟା କରିଥିଲେ । ଭଗବାନ ଶିବ ତାଙ୍କ ତପସ୍ୟା ଦ୍ୱାରା ପ୍ରସନ୍ନ ହୋଇ ଆବିର୍ଭାବ ହୋଇଥିଲେ । ଏହାପରେ ରାଜା ଭଗବାନଙ୍କୁ ନର୍ମଦା ନଦୀର ଧରାବତରଣ ପାଇଁ ବରଦାନ ମାଗିଥିଲେ । ଭଗବାନ ଶିବଙ୍କ ଆଦେଶକ୍ରମେ ନର୍ମଦା ନଦୀ କୁମ୍ଭୀର ଆସନରେ ବସି ଉଦୟାଚଳ ପର୍ବତ ଦେଇ ପ୍ରବାହିତ ହୋଇଥିଲେ ଏବଂ ଧୀରେ ଧୀରେ ପଶ୍ଚିମଦିଗକୁ ଗତି କରିଥିଲେ ।

## କଳାଜିରାରେ ରହିଛି ଅନେକ ସ୍ୱାସ୍ଥ୍ୟକାରୀ ଗୁଣ

ରୋଷେଇ ଘରେ ବ୍ୟବହୃତ ହେଉଥିବା ମସଲା ଗୁଡିକ ମଧ୍ୟରୁ ଗୋଟିଏ ହେଉଛି କଳାଜିରା। ଏହା ଦେଖିବାକୁ କଳା ରଙ୍ଗର । ଆୟୁର୍ବେଦ ବିଶେଷଜ୍ଞଙ୍କ ମତ ଅନୁସାରେ



କଳାଜିରା ଶରୀରରେ ଅନେକ ରୋଗରୁ ଭଲ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କଳାଜୀରାରୁ ସ୍ୱାସ୍ଥ୍ୟଜନିତ କେଉଁ କେଉଁ ଲାଭ ମିଳିଥାଏ ।

■ ଟାଇପ-୨ ଡାଇବେଟିସ ପୀଡିତ ବ୍ୟକ୍ତି ପ୍ରତିଦିନ କଳାଜିରା ଖାଇବା ଉଚିତ । ଏହାଦ୍ୱାରା ଶରୀରରେ ତିଆରି ହେଉଥିବା ଗ୍ଲୁକୋଜ କମ୍ ହୋଇଥାଏ ଏବଂ ଇନସୁ୍ୟଲିନ୍ ତିଆରି ହେବା କ୍ଷମତା ବଢିଥାଏ। ଆହୁରି ମଧ୍ୟ ଶରୀରରେ ଥିବା ବିଟା ସେଲର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ ।

■ ସପ୍ତାହକୁ ଦୁଇଥର କଳାଜିରା ଖାଇଲେ ହାଇପର୍ ଟେନନ୍ରୁ ମୁକ୍ତି ମିଳିବା ସହିତ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ।

■ କଳାଜିରାକୁ ପାଣିରେ ଫୁଟାଇ ବାତ ମାରୁଥିବା ରୋଗୀଙ୍କୁ ଏହାର ପାଣି ପର୍ଣ୍ଣୀଇବାକୁ ଦିଅନ୍ତୁ । ଦେଖିବେ ବାତ ରୋଗ ଭଲ ହୋଇଯିବ ।

■ କଫ ସମସ୍ୟା ଥିଲେ କଳାଜିରା ତେଲ ଖାଆନ୍ତୁ । ଏହାର ତେଲ ଖାଲି ପେଟରେ ଖାଇଲେ ଅନେକ ରୋଗ ଭଲ ହୋଇଥାଏ ।

■ କଳାଜିରା ତ୍ୱଚା ସମ୍ବନ୍ଧୀୟ ରୋଗକୁ ଠିକ୍ କରିଥାଏ । ଏହାକୁ ଖାଇଲେ ତ୍ୱଚା କୋମଳ ଓ ଉଜ୍ଜ୍ୱଳ ହୋଇଥାଏ ।

■ କଳାଜିରା ତେଲ କେଶରେ ଲଗାଇଲେ କେଶ କଳା ହୋଇଥାଏ।

■ ଯେଉଁମାନଙ୍କର ଦାନ୍ତରେ ସମସ୍ୟା ରହିଛି କିମ୍ବା ଦାନ୍ତ ପୋକ ଖାଉଛି, ସେମାନେ ରାତିରେ ଶୋଇବା ପୂର୍ବରୁ ତୁଳାରେ କଳାଜିରା ତେଲ ଲଗାଇ ଦାନ୍ତ ମୂଳରେ ଲଗାଇ ଶୁଅନ୍ତୁ । ଦେଖିବେ ଦାନ୍ତରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯିବେ ।

# ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୮।୧ (ମହାଭାରତ): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୫ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଙ୍ଗଏ ଓ ପରିବେଶ ବିଭାଗ ମନ୍ତ୍ରୀ କହିଲେ ଯେ, ୬୫ ବର୍ଷ ତଳେ ୧୯୬୦ ମସିହା ଡିସେମ୍ବର ମାସ ୨୯ ତାରିଖରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପ୍ରତିଷ୍ଠିତ ହୋଇଥିଲା। ଧିରେ ଧିରେ ଏହା ବିକଶିତହୋଇ ଭାରତର ଏକ ସୁନାମଧନ୍ୟ ପ୍ରାଣୀ ଉଦ୍ୟାନ ଭାବରେ ପରିଗଣିତ ହେବା ସହିତଭାରତର ପ୍ରଥମ ପ୍ରାଣୀ ଉଦ୍ୟାନ ଭାବେ ବିଶ୍ୱ ପ୍ରାଣୀ ଉଦ୍ୟାନ ଓମତ୍ସ୍ୟାଗାର ସଂଘର ସଦସ୍ୟ ହୋଇପାରିଛି। କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣର ସମସ୍ତ ନିୟମ ପାଳନ କରି ନନ୍ଦନକାନନ ଆଜି ବନ୍ୟଜନ୍ତୁ ସଂରକ୍ଷଣ, ଶିକ୍ଷା ସଚେତନତା ଓ ବନ୍ୟପ୍ରାଣୀ ଗବେଷଣାରେ ଦେଶର ପ୍ରାଣୀଉଦ୍ୟାନ ମାନଙ୍କ ମଧ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୧୯ ମସିହାରେଚନ୍ଦକା ଅଭୟାରଣ୍ୟ ଚୁଡଙ୍ଗ-କୃଷ୍ଣନଗରର ୬୦୬.୨୨ ହେକ୍ଟର ପରିମାଣର ଯାଗାପ୍ରଶାସନିକ ଓ ପରିଚାଳନା ପାଇଁ ନନ୍ଦନକାନନ ଅଧିନକୁ ହସ୍ତାନ୍ତର କରାଯାଇଛି। ଏଥିସହିତ ନନ୍ଦନକାନନ ପରିସର ୧୦୪୩.୩୨ ହେକ୍ଟରକୁ ବୃଦ୍ଧି ପାଇଛି। ୨୦୨୩ମସିହାରେ ଅନୁମୋଦିତ ହୋଇଥିବା ମହାଯୋଜନାକୁ ଅନୁକରଣ କରାଯାଇନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବାର କାର୍ଯ୍ୟଧାରା ଜାରିରହିଛି। ନନ୍ଦନକାନନର ବିବିଧତାକୁ ବଢାଇବା ପାଇଁ ୫ଟି ପ୍ରାଣୀ ଉଦ୍ୟାନ ସହିତ ଜନ୍ତୁ ବିନିମୟ କାର୍ଯ୍ୟକ୍ରମକୁ ସଫଳତାର ସହ କାଯ୍ୟକାରୀ କରାଯାଇ ଜିରାଫ୍, ହିମାଳୟ ଗ୍ରିଫନ୍ ଶାଗୁଣା, ହାଡଗିଲା, ମହାବଳ ବାଘ,କଳାଲୋମଯୁକ୍ତ ବାଘ, ସାରସ ପକ୍ଷୀ, ମାଳୟ ଅଜଗର ଭଳି ଏକାଧିକ ଜନ୍ତୁ ଅଧିଗ୍ରହଣ କରାଯାଇଛି। ଏହା ବ୍ୟତିତ ନନ୍ଦନକାନନର ପୃଷ୍ଠପୋଷକଙ୍କ ଜରିଆରେ କଟନ ଟପ୍ ଟାମାରିନ୍, ସିଆମାଙ୍ଗ, ସାଧାରଣମାର୍ମୋସେଟ୍, ଜୋଓଫ୍ରେ ମାର୍ମୋସେଟ୍ ପାଇପାରିଛୁ ଯାହା ଆମ ବନ୍ୟଜନ୍ତୁ ସଂଗ୍ରହକୁ ଆହୁରିସମୃଦ୍ଧ କରିଛି। ମନ୍ତ୍ରୀ ଚିଡିଆଖାନା ପାଠାଗାର ଓ ଡିଜିଟାଲ କେନ୍ଦ୍ର, ନବୀକୃତ ଭାଲୁ ଖୁଆଡ, ସଂରକ୍ଷଣ ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀପ୍ରେମ କୁମାର ନନନ୍ଦନକାନନ ସମ୍ବନ୍ଧୀୟ ବହୁ ତଥ୍ୟ ଉପସ୍ଥାପନ କରିଥିଲେ।

# ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଆରମ୍ଭ



ଭୁବନେଶ୍ୱର,୮।୧ (ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି ସାଂସ୍କୃତିକ ମହୋତ୍ସବର ମହାକୁମ୍ଭ। ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ। ଆଜି ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବର ଉଦଘାଟନୀ ସମାରୋହରେ କେନ୍ଦ୍ର ବିଦେଶ ମନ୍ତ୍ରାଳୟର ମନ୍ତ୍ରୀ ଏସ. ଜୟଶଙ୍କର, ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଲାଙ୍ଗୀର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂ ଦେଓ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଗୁରୁଜୀ ଡ଼. ଚନ୍ଦ୍ରଭାନୁ ଶତପଥୀ ଆଦି ଅତିଥି ଭାବେ ଯୋଗ ଦେଇ ନୃତ୍ୟ ଓ ସଂଗୀତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଆଜି ପ୍ରଥମ ଦିନରେ ବିଶିଷ୍ଟ କଣ୍ଠଶିଳ୍ପୀ ଅଭିଲିପ୍ସା ପଣ୍ଡାଙ୍କ ଦ୍ୱାରା ହର ହର ଶମ୍ଭୁ ସଂଗୀତ ପରିବେଷଣ କରାଯାଇଥିଲା। ଏହାପରେ ନୃତ୍ୟଶିଳ୍ପୀ ଦେବାଶିଷ ପଟ୍ଟନାୟକ ଓମ୍ ଧେୟମ୍ ନିତ୍ୟମ୍ ମହେଶମ୍ ମଙ୍ଗଳାଚରଣ, ରାଗଶ୍ରୀ ପଲ୍ଲବୀ, ଶିବାଷ୍ଟକମ୍ ଓଡ଼ିଶୀ ନୃତ୍ୟରେ ପ୍ରଭୁଙ୍କ ବନ୍ଦନା କରିବା ସହ ସମସ୍ତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ନିତ୍ୟାନନ୍ଦ ଦାସ ଓ ବିଜୟ କୁମାର ଦାଶଙ୍କ ଦ୍ୱାରା ଦ୍ୱୈତ ଓଡ଼ିଶୀ ଏବଂ ପୁଷ୍ପିତା ମିଶ୍ର ଓ ଗ୍ରୁପ ଦ୍ୱାରା ପ୍ରଦର୍ଶିତ ଦଳଗତ ଓଡ଼ିଶୀ ନୃତ୍ୟ ମଧ୍ୟ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଆସନ୍ତା ୧୧ ଜାନୁୟାରୀ ପର୍ଯ୍ୟନ୍ତ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ମୁକ୍ତେଶ୍ୱରର ମୁକ୍ତାକାଶ ରଙ୍ଗମଞ୍ଚରେ ନୃତ୍ୟ ଶିଳ୍ପୀମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିବା ସହ କଣ୍ଠଶିଳ୍ପୀମାନେ ମଧ୍ୟ ସଂଗୀତ ପରିବେଷଣ କରିବେ। ଏହି ସମୟ ମଧ୍ୟରେ ପ୍ରବାସୀ ଭାରତୀୟ ଦିବସ ମଧ୍ୟ ଅନୁଷ୍ଠିତ ହେଉଥିବାରୁ ରାଜ୍ୟ ଓ ଦେଶ ବାହାରୁ ଆସୁଥିବା ଅତିଥିମାନେ ମଧ୍ୟ ଏହି ମହୋତ୍ସବ ମାଧ୍ୟମରେ ଆମ ଗୌରବମୟ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଅବଗତ ହୋଇପାରିବେ ବୋଲି ଲକ୍ଷ୍ୟ ରଖା ଯାଇଛି।

# ପୁଷ୍ପ ପ୍ରଦର୍ଶନୀ ପ୍ରବାସୀ ଭାରତୀୟଙ୍କୁ ଆକର୍ଷିତ କରିବ

ଭୁବନେଶ୍ୱର,୮।୧ (ମହାଭାରତ): ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର, ଏକାମ୍ର କାନନ, ଭୁବନେଶ୍ୱର, ପ୍ଲାଣ୍ଟ ଲଭର୍ସ ଆସୋସିଏସନ ସହ ମିଶି ପ୍ରତିବର୍ଷ ପୁଷ୍ପ ପ୍ରଦର୍ଶନୀ ଆୟୋଜନ କରିଥାନ୍ତି। ଏହି ଆୟୋଜନ ଅନୁଯାୟୀ ଆଜିଠାରୁ ୧୧ ପର୍ଯ୍ୟନ୍ତ ୫ ଦିନ ଧରି ଭୁବନେଶ୍ୱରରେ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର,ଏକାମ୍ର କାନନଠାରେ ଏହି ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀ ପ୍ରବାସୀ ଭାରତୀୟ ମାନଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଥିଲେ। ସେ କହିଥିଲେ ଯେ, ପୁଷ୍ପ ଚେତନା ଏକ ନୈସର୍ଗିକ ଉପଲବ୍ଧି ଏବଂ ଏହା ଆମ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। କଳଙ୍କ ବିହୀନ ସ୍ୱଚ୍ଛ ହୃଦୟ ଏବଂ ଶାନ୍ତି ଓ ବିଶ୍ୱାସର ପ୍ରତୀକ ହେଉଛି ଫୁଲ। ଈଶ୍ୱରଙ୍କ ସବୁଠୁ କୋମଳ ଏବଂ ପବିତ୍ର ସର୍ଜନା ରୂପେ ଏହା ସୃଷ୍ଟିର ଅୟମାରମ୍ଭରୁ ଏଯାବତ ପୃଥିବୀର ପ୍ରତ୍ୟେକ କୋଣ ଅନୁକୋଣରେ ନିଜର ଆକର୍ଷଣ ଏବଂ ଗୁରୁତ୍ୱ ବଜାୟ ରଖିଛି। ଆଜିର ପ୍ରଦର୍ଶନୀର ସାଜସଜା ଓ ସୁନ୍ଦର ପରିବେଶ ଅତ୍ୟନ୍ତ ମନମୁଗ୍ଧକର। ଆଜି ଏଠାରେ ନୂତନ ଗେଟ ପରିସର, ବହୁ ରଙ୍ଗୀ ଉଦ୍ୟାନ ଓ କ୍ୟାକଟସ ହାଉସର ଶୁଭ ଉଦଘାଟନ ହୋଇଛି। ଏହି ପୁଷ୍ପ ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସତୁରୀରୁ ଊର୍ଦ୍ଧ୍ୱ ପ୍ରତିଷ୍ଠାନ ଯୋଗଦାନ କରିଛନ୍ତି। ଏହା ବ୍ୟତୀତ କଟ ଫ୍ଲାୱାର, ବନସାଇ ଓ ବିଭିନ୍ନ ପ୍ରକାରର ଅର୍କିଡ ମଧ୍ୟ ପ୍ରଦର୍ଶିତ ହୋଇଛି। ଅନେକ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଓଡିଶୀ, ଛଉ, ସମ୍ବଲପୁରୀ ଓ ପାଇକ ନୃତ୍ୟର ଆକର୍ଷଣୀୟ ଆୟୋଜନ କରାଯାଇଛି।

ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ୨୦୨୪-୨୫ ବର୍ଷର ବାର୍ଷିକ ଗବେଷଣା ରିପୋର୍ଟ ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ସୌଜନ୍ୟରୁ ପ୍ରକାଶିତ ସବୁଜିମା ପତ୍ରିକା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ। ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ କୁମାର ପନ୍ତ, ପ୍ରଶାସନିକ ଅଧିକାରୀ ସୁଶ୍ରୀ ଋତୁପର୍ଣ୍ଣା ମହାପାତ୍ର ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏସନର ସଭାପତି ଶ୍ରୀ କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୫ ପାଇଁ ଭାରତ ସରକାରଙ୍କ କ୍ୟାଲେଣ୍ଡର ଉନ୍ମୋଚିତ



ଭୁବନେଶ୍ୱର,୮।୧ (ମହାଭାରତ): ଭାରତ ସରକାର ନିଜର ୨୦୨୫ କ୍ୟାଲେଣ୍ଡର ପାଇଁଜନଭାଗିଦାରୀ ସେ ଜନକଲ୍ୟାଣକୁ କେନ୍ଦ୍ରୀୟ ବିଷୟବସ୍ତୁ ଭାବେ ବାଛିଛନ୍ତି, ଯେଉଁଥିରେ ପରିବର୍ତ୍ତନଶୀଳ ଶାସନର ମୂଲ୍ୟବୋଧ ଉପରେ ଆଲୋକପାତ କରାଯାଇଛି। ଆଜି ରେଳ ଭବନରେ କ୍ୟାଲେଣ୍ଡର ଉନ୍ମୋଚନ କରି କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ଦଶନ୍ଧି ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ପରିବର୍ତନମୂଳକ ଶାସନର ପ୍ରଭାବଶାଳୀ ଦିଗ ଉପରେ ଆଲୋକପାତ କରିଥିଲେ । ଗରିବଙ୍କ କଲ୍ୟାଣରେ ଉନ୍ନତି ଆଣିବା, ମହିଳା ସଶକ୍ତୀକରଣ ଏବଂ ସମଗ୍ର ଦେଶରେ ଭିତ୍ତିଭୂମି ବିକାଶ ଦିଗରେ ପରିବର୍ତନକାରୀ ଶାସନର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ ଉତ୍ସବରେ କେନ୍ଦ୍ର ସୂଚନା ଓ ପ୍ରସାରଣ ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗାନ୍, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ, ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ ଧୀରେନ୍ଦ୍ର ଓଝା ଏବଂ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋର ମହାନିର୍ଦ୍ଦେଶକ ଯୋଗେଶ ବାଓ୍ୱେଜା ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ୨୦୧୪ରୁ ୨୦୨୫ ପାଇଁ ସୁଶାସନର ଏକାଦଶ ବର୍ଷରେ ପ୍ରବେଶ କରୁଥିବା ବେଳେ ଭାରତ ସରକାରଙ୍କ କ୍ୟାଲେଣ୍ଡର ୨୦୨୫ଦେଶର ପ୍ରଗତି ଏବଂ ପରିବର୍ତନମୂଳକ ଶାସନ ଉପରେ ଆଲୋକପାତ କରିବା ପାଇଁ ଏହି ମାଧ୍ୟମକୁ ବ୍ୟବହାର କରିବାର ଦୀର୍ଘ ଦିନର ପରମ୍ପରାରେ ଆଉ ଏକ ଅଧ୍ୟାୟକୁ ଚିହ୍ନିତ କରିଛି । ସେଂଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେସନ୍ (ସିବିସି) ଦ୍ୱାରା ପରିକଳ୍ପିତ ଏବଂ ପ୍ରସ୍ତୁତ ଏହି କ୍ୟାଲେଣ୍ଡର କେବଳ ଦିନ ଏବଂ ମାସର ମାର୍ଗଦର୍ଶିକା ନୁହେଁ ବରଂ ଅନ୍ତର୍ଭୁକ୍ତୀକରଣ, ସ୍ୱଚ୍ଛତା ଏବଂ ଅଂଶୀଦାର ଶାସନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ମଧ୍ୟ ଅଟେ। କ୍ୟାଲେଣ୍ଡରରେ ଚିତ୍ର ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଭାଗିଦାରୀ ଆଭିମୁଖ୍ୟ ଉପରେ ଆଲୋକପାତ କରାଯାଇଛି ଯାହା ଭାରତର ବିକାଶ ଦିଗରେ ଯାତ୍ରାର ସ୍ୱର ନିର୍ଦ୍ଧାରଣ କରିଥାଏ । ଏହା ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାରଙ୍କ ମୂଳରେ ଥିବା ଭାଗିଦାରୀ ଶାସନର ଗୁରୁତ୍ୱକୁ ମଧ୍ୟ ସୂଚାଇଥାଏ । ଏଥିରେ ଗୁରୁତ୍ୱାରୋପ କରାଯାଇଛି ଯେ ଆମ ଦେଶର ଶକ୍ତି ଏହାର ଲୋକଙ୍କ ସାମୂହିକ ଶକ୍ତି ଏବଂ ପ୍ରୟାସରେ ରହିଛି । ସ୍ୱଚ୍ଛତାକୁ ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ କରିଥିବାସ୍ୱଚ୍ଛ ଭାରତ ମିଶନ ଭଳି କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ଆୟୁଷ୍ମାନ ଭାରତ ଭଳି ପଦକ୍ଷେପ, ଯାହା ୬୮ କୋଟିରୁ ଅଧିକ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିଛି, ସରକାରୀ ଯୋଜନାର ସଫଳତାର କେନ୍ଦ୍ରବିନ୍ଦୁ ହୋଇଛି ନାଗରିକଙ୍କ ଅଂଶଗ୍ରହଣ । କ୍ୟାଲେଣ୍ଡରର ଆରମ୍ଭ ହୁଏ ସମସ୍ତଙ୍କ କଲ୍ୟାଣରୁ ଏବଂ ଏହାପରେ କୃଷିକ୍ଷେତ୍ରରେ କ୍ଷେତ୍ରୀୟ ଅଗ୍ରଗତି, ମହିଳା ସଶକ୍ତୀକରଣ ଯୁବଗୋଷ୍ଠୀ ଏବଂ ଦେଶର ପ୍ରଗତିରେ ଦକ୍ଷତା ସଂସ୍କରଣ ଉପରେ ଆଲୋକପାତ କରାଯାଇଛି ।

# ନାଲ୍‌କୋର ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର,୮।୧ (ମହାଭାରତ): ଆଧ୍ୟାତ୍ମିକ ଚିନ୍ତକ ତଥା ଲେଖକ ଡକ୍ଟର ଚନ୍ଦ୍ରଭାନୁ ସତପଥୀ ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୨ ତମ ସଂସ୍କରଣରେ ନୈତିକ କର୍ପୋରେଟ ମ୍ୟାନେଜମେଣ୍ଟବିଷୟ ଆଧାରିତ ଅଭିଭାଷଣ ପ୍ରଦାନ କରିଛନ୍ତି। ନାଲକୋର ୪୫ ତମ ପ୍ରତିଷ୍ଠା ଦିବସ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ଡକ୍ଟର ଶତପଥି ନିଜ ଅଭିଭାଷଣରେ ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନରୁ ଅନୈତିକ ଅଭ୍ୟାସକୁ ସମ୍ପୂର୍ଣ୍ଣ ବିଲୋପ ଉପରେ ଗୁରୁତ୍ୱାରୋପ କରିବା ସହ ଅଖଣ୍ଡତା, ଉତ୍ତର ଦାୟିତ୍ୱ ଏବଂ ସ୍ୱଚ୍ଛତା ଭଳି ନୈତିକ ଅଭ୍ୟାସ ଏକ ଦୀର୍ଘସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ଗଠନର ମୂଳଦୁଆ। ବୋଲି ମତ ପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ସମସ୍ତ କାର୍ଯ୍ୟ ସାମାଜିକ, ଆଇନଗତ ଏବଂ ପରିବେଶ ସମ୍ବନ୍ଧୀୟ ଉତ୍ତରଦାୟିତ୍ୱ ସହ ମେଳ ଖାଇବା ଆବଶ୍ୟକ। ସାମାଜିକ ବିକାଶ ତଥା କଲ୍ୟାଣରେ ନାଲକୋର ଭୂମିକାକୁ ପ୍ରଶଂସା କରିବା ସହ କମ୍ପାନୀର ବ୍ୟବସାୟିକ ଉପଲବ୍ଧିକୁ ମଧ୍ୟ ସେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନିର୍ଦ୍ଦେଶକ(ବିତ୍ତ) ରମେଶ ଚନ୍ଦ୍ର ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ଶିଷ୍ୟମାନେ ଏକ ଶାସ୍ତ୍ରୀୟ ତଥା ଭକ୍ତି ଆଧାରିତ ବଂଶୀ ବାଦନ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। କର୍ମଚାରୀଙ୍କ ବ୍ୟତୀତ ଏହି କାର୍ଯ୍ୟକ୍ରମରେ ଶିକ୍ଷ ବିଭାଗର ବରିଷ୍ଠ ଅଧିକାରୀ, ସରକାରୀ କର୍ମଚାରୀ ଏବଂ ଶିକ୍ଷା ଅନୁଷ୍ଠାନ ମାନଙ୍କର ପ୍ରତିନିଧୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟପାଳକ ନିର୍ଦ୍ଦେଶକ (ମାନବ ସମ୍ବଳ ଓ ପ୍ରଶାସନ) ଶ୍ରୀ ଆଶୁତୋଷ ରଥ, ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ନାଲକୋ ଦ୍ୱାରା୨୦୦୨ ପରଠାରୁ ଏହି ଅଭିଭାଷଣ ଶୃଙ୍ଖଳାର ଆୟୋଜନ କରାଯାଉଛି।

# ନିମାପଡାରେ ଉପମୁଖ୍ୟମନ୍ତ୍ରୀଙ୍କ ମାରାଥନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୧ (ମହାଭାରତ): ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ନିମାପଡା ଗସ୍ତ ଅବସରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସକାଳେ କାକଟପୁର ମା'ମଙ୍ଗଳାଙ୍କ ଆଶୀର୍ବାଦ ଭିକ୍ଷା କରିବା ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ନିମାପଡ଼ାର ଚାରିଛକ ଠାରେ ଜଳସମ୍ପଦ ବିଭାଗର କୁଣ୍ଡେଇ ବାମ ପାର୍ଶ୍ୱ କେନାଲ ବନ୍ଧର ରାସ୍ତା ଉନ୍ନତି କରଣ କାର୍ଯ୍ୟର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନରେ ଯୋଗଦେଇଥିଲେ । ଏହି ପ୍ରକଳ୍ପ ଦ୍ୱାରା ୩ କି.ମି କେନାଲ ବନ୍ଧ ସୁଦୃଢ଼ ହେବା ସହ ଗମନା ଗମନ ସୁଗମ ହେବ।

ନିମାପଡ଼ାର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ, ଖରିପ ଋତୁ ୨୦୨୪-୨୫ ପାଇଁ ପୁରୀ ଜିଲ୍ଲାସ୍ତରୀୟ ଧାନ ମଣ୍ଡିରେ ଧାନ କ୍ରୟର ଶୁଭାରମ୍ଭ କରିଥିଲେ ଉପମୁଖ୍ୟମନ୍ତ୍ରୀ। ପରେ ଆଜି ପଂଚାୟତ ସମିତି, ନିମାପଡ଼ା ଠାରେ ଦିବ୍ୟାଙ୍ଗ ମଉସା, ମାଉସୀ, ଭାଇ ଓ ଭଉଣୀ ମାନଙ୍କୁ ଟ୍ରାଇସାଇକେଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ବଂଟନ କରିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ।

ପରେ ନିମାପଡ଼ା ପଂଚାୟତ ସମିତି ଠାରେ ୧୦୭ ଜଣ ନୂତନ ଭାବେ ଚୟନ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରଯାଇଥିଲା । ଏହି ଅବସରରେ ଆମ ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୮୦ ଭାଗରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀମାନଙ୍କ ସାମାଜିକ ସୁରକ୍ଷା ଭତ୍ତା ମାସିକ ୩୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଥିରେ ଆମ ନିମାପଡ଼ା ବ୍ଲକର ୪୧୮୭ ଜଣ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀ ଏବଂ ୬୦୭ ଜଣ ୮୦ ଭାଗ ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଥିବା ହିତାଧିକାରୀ ମାସିକ ୩୫୦୦ ଟଙ୍କା ଆସନ୍ତା ମାସରୁ ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

ବରିଷ୍ଠ ନାଗରିକ, ବିଧବା ଏବଂ ଅସହାୟ ଲୋକ ମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ଆମ ସରକାରର ପ୍ରାଥମିକତା। ସମସ୍ତ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସାମାଜିକ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ।

ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦର ମଳ ଉପଚାର କେନ୍ଦ୍ର ଠାରେ ନୂତନ ପ୍ରଶାସନିକ ଭବନର ସମ୍ପ୍ରସାରଣ ପ୍ରକଳ୍ପର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନରେ ଯୋଗଦେବା ସହ ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ର ପ୍ରଚାର ଓ ପ୍ରସାର ନିମନ୍ତେ ଏକ ସଚେତନତା ଗାଡ଼ି ବୁଲିବାର ଶୁଭାରମ୍ଭ କରିଥିଲେ। ଏହି ଗାଡ଼ି ସମସ୍ତ ୱାର୍ଡ ବୁଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ।

## ସାଧୁସନ୍ଥ ଓ ବିଜ୍ଞବ୍ୟକ୍ତିତ୍ୱଙ୍କ ସମ୍ମିଳନୀ ମହାକୁମ୍ଭ ସହିତ ସମାନ

ଭୁବନେଶ୍ୱର,୮।୧ (ମହାଭାରତ): ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ଜ୍ଞାନ, ବିଜ୍ଞାନ, ପରିବେଶ, ଗୀତା କଥା, ଗଣତନ୍ତ୍ର, ଧର୍ମୀୟ ସଚେତନତା ସହିତ ଶେଷ ଦିବସରେ ଗୁରୁପ୍ରଣାମ ମହୋତ୍ସବ ଓ ସଂସ୍କୃତି ପୁରୁଷ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଜନ୍ମ ଦିବସ ଅବସରରେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପଦ୍ମଶ୍ରୀ ବାବା ବଳିଆ ଉଦଘାଟନ କରିଥିଲେ। ପୂଜ୍ୟପୂଜାର ଏହି ମହାନ ପରମ୍ପରା, ରାଷ୍ଟ୍ରର ପ୍ରଗତି ସମ୍ପର୍କ, ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଅଧ୍ୟକ୍ଷ, ଇଷ୍ଟର୍ଣ୍ଣ ମିଡ଼ିଆ ମୁଖ୍ୟ ସୌମ୍ୟ ରଞ୍ଜନ ପଟନାୟକ, ମୁଖ୍ୟବକ୍ତା ଭାବେ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି, ସମ୍ମାନିତ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବାଜୀ ବାଳକା ନନ୍ଦ ଦାସ, ବାବା ବିଶ୍ୱନାଥ ଦାସ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ, ଡ଼ଃ ପ୍ରସନ ପାଟ୍ଟଶାଣୀ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟନାୟକ ଉପସ୍ଥିତ ରହିବା ସହ ପୂଜ୍ୟପୂଜାକୁ ପ୍ରାଧାନ୍ୟ ଦେବା, ଗୁରୁଙ୍କ ମାର୍ଗଦର୍ଶନ, ମାନବିକତା, ଗଣତନ୍ତ୍ରକୁ ସମ୍ମାନପୂର୍ବକ ଅନୁପାଳନ, ପରିବେଶର ସନ୍ତୁଳନ, ଧର୍ମୀୟ ସଚେତନତା ପ୍ରମୁଖ ପ୍ରସଙ୍ଗରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଗାମୀ ଉତ୍ତର ପୀଢ଼ି ପୂଜ୍ୟକୁ ଆଗେଇ ନେବା ସହିତ ସମାଜରେ ସ୍ୱତନ୍ତ୍ର ଉଦାହରଣ ସାଜିବାକୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ଶତପଥି କହିଥିଲେ ଯେ ପୂଜ୍ୟପୂଜା ଓ ପୂଜ୍ୟଙ୍କୁ କୁ କିପରି ସମ୍ମାନ ପ୍ରଦାନ କରାଯାଏ ତାହାର ଜ୍ୱଳନ୍ତ ଉଦାହରଣ ଡ଼ଃ ଜ୍ଞାନେନ୍ଦ୍ର। ଏହି ଅବସରରେ ସାରସ୍ୱତ ପ୍ରତିଭାଧାରୀ ଡ଼ଃ ସତ୍ୟବ୍ରତ ମୀନକେତନ, ପାଲାଚାର୍ଯ୍ୟ ସୁଦର୍ଶନ ମହାପାତ୍ର, ଶିକ୍ଷାବିତ ରାଧା ଚରଣ ସାମନ୍ତରାୟ, ଶିକ୍ଷାଗୁରୁ କେଶବ ଚରଣ ଶାସମଲଙ୍କୁ ଗୁରୁପ୍ରଣାମ ସମ୍ବର୍ଦ୍ଧନା ୨୦୨୫ ପ୍ରଦାନ କରାଯାଇଥିଲା।

# ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ ମନମୋହନ ସିଂହଙ୍କ ରାଜ୍ୟସ୍ତରୀୟ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୮।୧ (ମହାଭାରତ): ରାଜ୍ୟସ୍ତରୀ ଡଃ ମନମୋହନ ସିଂହ ସ୍ମୃତି କମିଟି ପକ୍ଷରୁ ଆବାହକ ମାନସ ଚୌଧୁରୀଙ୍କ ପୌରହିତ୍ୟରେ ମଙ୍ଗଳବାର ଜୟଦେବ ଭବନ (ଭୁବନେଶ୍ୱରଠାରେ) ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନଙ୍କ ପାଇଁ ରାଜ୍ୟସ୍ତରୀୟ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅତିଥିମାନେ ସ୍ୱର୍ଗତ ମନମୋହନ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା। ଏହି ଅବସରରେ କେ. ୱାନ ଏଂଟରଟେନମେଂଟ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଭୁବନେଶ୍ୱର ଗୁରୁଦ୍ୱାର ସିଂ ସଭାର ପ୍ରତିନିଧି ସତପାଲ ସିଂହ ଓ ଏମ୍.ଏସ୍. କାଲ୍‌ସି ଏଠାରେ ଉପସ୍ଥିତ ରହି ସ୍ୱର୍ଗତ ସିଂହଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସଭାରେ ଉପସ୍ଥିତ ଅତିଥିବୃନ୍ଦ ସ୍ୱର୍ଗତ ମନମୋହନ ସିଂହଙ୍କ କୀର୍ତିକ ଓ କୃତି ଉପରେ ବିଶଦ ଆଲୋକପାତ କରିଥିଲେ। ସ୍ୱର୍ଗତ ସିଂହଙ୍କ ବ୍ୟକ୍ତିତ୍ୱ, ୧୦ବର୍ଷର ପ୍ରଧାନମନ୍ତ୍ରୀତ୍ୱ କାଳ ଅର୍ଥମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟଦକ୍ଷତା, ଜୀବନ ସଂଘର୍ଷ ଓ ସଫଳତା ଉପରେ ସମ୍ମାନିତ ବକ୍ତାମାନେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଜିର ପାକିସ୍ତାନର ଗହ ଠାରୁ ଦିଲ୍ଲୀର ନିଗମ ବୋର୍ଡ଼ର ଘାଟ ପର୍ଯ୍ୟନ୍ତ ଏକ ଦୀର୍ଘପଥ ଯାତ୍ରାରେ ସେ ସମାଜ ପାଇଁ ବିଶେଷକରି ଭାରତବାସୀଙ୍କ ପାଇଁ ଯେଉଁ ସେବା ଅର୍ପଣ କରିଛନ୍ତି, ସେଥିପାଇଁ ସେ ଚିର ସ୍ମରଣୀୟ ରହିବେ। ସେ ଥିଲେ ଭାରତବର୍ଷରେ ଉଦାରବାଦର ଜନକ ବା ପ୍ରବର୍ତ୍ତକ। ସେ ନରସିଂହ ରାଓଙ୍କ ସରକାରରେ କେନ୍ଦ୍ର ଅର୍ଥମନ୍ତ୍ରୀ ଥିଲାବେଳେ ନିଜର ସୂକ୍ଷ୍ମ ବିଚାର ପାଇଁ ବିଶ୍ୱର ଆର୍ଥିକ ମାନ୍ଦାବସ୍ଥାରୁ ଭାରତକୁ ମୁକ୍ତ ରଖିପାରିଥିଲା। ସେ ତାଙ୍କର ୧୦ ବର୍ଷର ପ୍ରଧାନମନ୍ତ୍ରୀତ୍ୱ କାଳରେ ସାଧାରଣ ଜନତାଙ୍କ ପାଇଁ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି। ଲୋକଙ୍କୁ ତାଙ୍କର ନ୍ୟାର୍ଯ୍ୟ ଅଧିକାର ଦେବା ପାଇଁ ସେ ବିଶେଷକରି ଯୋଜନା ପ୍ରଣୟନ କରୁଥିଲେ। ଦେଶରୁ ଦୁର୍ନୀତିକୁ ମୂଳୋତ୍ପାଟନ କରିବା ପାଇଁ ଏବଂ ସରକାରଙ୍କ ଶାସନ ବିଷୟରେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିବା ଲକ୍ଷ୍ୟରେ ସେ ପ୍ରଣୟନ କଲେ ସୂଚନା ଅଧିକାର ଆଇନ୍। ଏଥିରେ ଜଣେ ସାଧାରଣ ମଣିଷ ରାଷ୍ଟ୍ର ଶାସନର ସମସ୍ତ ଗହନ କଥା ଜାଣିବା ପାଇଁ ଅଧିକାରପ୍ରାପ୍ତ ହେଲା। କ୍ଷୁଧାମୁକ୍ତ ଭାରତ ନିର୍ମାଣ ପାଇଁ ସେ ପ୍ରଣୟନ କରିଥିଲେ 'ଖାଦ୍ୟ ନିରାପତା ଆଇନ୍' ଯେଉଁଥିରେ ୮୦ କୋଟି ଲୋକ ଅନ୍ତର୍ଭୁକ୍ତ ହେଲେ, ସହରର ୫୦ ପ୍ରତିଶତ ଏବଂ ଗାଁର ୭୫ ପ୍ରତିଶତ ଲୋକ ଏହି ଯୋଜନା ବଳରେ ରାସନ ସାମଗ୍ରୀ ପାଇପାରିଥିଲେ। ସେହିପରି ଉତ୍କଟ ବେକାରୀରୁ ନିସ୍ତାର ପାଇବା ପାଇଁ ସେ ପ୍ରଣୟନ କରିଥିଲେ ମହାତ୍ମା ଗାନ୍ଧୀ ନରେଗା ଯୋଜନା। ଏହି ଯୋଜନା ବଳରେ ଗ୍ରାମା ଲର ଲୋକଙ୍କ ହାତକୁ କାମ ଯୋଗାଇ ଦିଆଗଲା। ଉପେକ୍ଷିତ ଏବଂ ଅବହେଳିତ ବନବାସୀ ଓ ଆଦିବାସୀମାନଙ୍କ ପାଇଁ ସେ ପ୍ରଣୟନ କରିଥିଲେ ଯୁଗାନ୍ତକାରୀ ଜଙ୍ଗଲ ଅଧିକାର ଆଇନ। ଏପରିକି ଉଠାଦୋକାନୀମାନଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ନିୟନ୍ତ୍ରଣ ଆଇନ-୨୦୧୪ ଆଇନ ପ୍ରଣୟନ କରିଥିଲେ। ସ୍ୱାସ୍ଥ୍ୟସେବାରେ ବୈପ୍ଲବିକ ପରିବର୍ତନ ପାଇଁ ସେ ପ୍ରଣୟନ କରିଥିଲେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଏବଂ ସମସ୍ତଙ୍କ ପାଇଁ ଶିକ୍ଷା ଅଧିକାର ଦେବାକୁ ସେ ବ୍ୟବସ୍ଥା କରିଥିଲେ ଶିକ୍ଷା ଅଧିକାର ଆଇନ।

ପାକିସ୍ତାନର ଗହର ସାଧାରଣ ଉର୍ଦ୍ଦୁ ବିଦ୍ୟାଳୟରୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଏବଂ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରୁ ପାଠପଢା ସାରି ସେ ଅଧ୍ୟାପନା କରିବା ସହ ଦେଶରେ ଏବଂ ବିଶ୍ୱରେ ଅର୍ଥନୀତି କ୍ଷେତ୍ରରେ ବହୁ ସମ୍ମାନଜନକ ପଦବୀରେ କାର୍ଯ୍ୟ କରିବା ପରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ମଧ୍ୟ ହୋଇଥିଲେ। ଅତ୍ୟନ୍ତ ନମ୍ର, ବିଚାରବନ୍ତ, ଆଚରଣ ଶୁଦ୍ଧ ଓ ବିଶାଳ ହୃଦୟର ମଣିଷ ଥିଲେ ଡଃ ମନମୋହନ ସିଂହ। ସମାଜସେବା ଏବଂ ରାଜନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ସେ ପ୍ରେରଣାଦାୟୀ ପୁରୁଷ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡ଼ିର ଅମର ପଟ୍ଟନାୟକ ଓ ଲେନିନ୍ ମହାନ୍ତି, ସିପିଏମ୍‌ର ଦୁଷ୍ମନ୍ତ ଦାସ, ସିପିଆଇର ରାମକୃଷ୍ଣ ପଣ୍ଡା ଓ ଆଶିଷ କାନୁନଗୋ, ସିପିଆଇ (ଏମ୍-ଏଲ) ଲିବରେସନର ଯୁଧିଷ୍ଠିର ମହାପାତ୍ର, ଆମ୍ ଆଦମୀ ପାର୍ଟିର ସଞ୍ଜୀବ ଦାସ, ଫରୱାର୍ଡ଼ ବ୍ଲକର ଜ୍ୟୋତିରଞ୍ଜନ ମହାପାତ୍ର, ଅର୍ଥନୀତି ବିଶାରଦ ଦିଲ୍ଲୀପ ବିଶୋୟୀ, ରାଜୀବ ସାହୁ, ଅମର ପ୍ରଧାନ, ଶରତ ରାଉତ, ୱାସିର ନୱାଜ, ସିପ୍ରା ମଲ୍ଲିକ, ଅଖିଳେଶ ଯାଦବ, ସତ୍ୟପ୍ରକାଶ ନାୟକ ପ୍ରମୁଖ ସ୍ୱର୍ଗତ ସିଂହଙ୍କର ସ୍ମୃତିଚାରଣ କରିଥିଲେ।







## ଅର୍ଥନୀତିଜ୍ଞ ମନମୋହନ

ନବେ ଦଶକରେ ଭାରତ ଯେତେବେଳେ ଜଟିଳ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା ସେତେବେଳେ ମନମୋହନ ଅର୍ଥମନ୍ତ୍ରୀ ଭାବେ ଭାରତୀୟ ଅର୍ଥନୀତିରେ ନୂଆ ଯୁଗର ସୂତ୍ରପାତ କରିଥିଲେ। ଦେଶରେ ଉଦାର ଅର୍ଥନୈତିକ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ପୁଞ୍ଜିନିବେଶର ରାସ୍ତା ଉନ୍ମୁକ୍ତ ହୋଇଥିଲା। ଲକ୍ଷ ଲକ୍ଷ ଯୁବକ ନିଯୁକ୍ତି ସୁଯୋଗ ପାଇଥିଲେ। ଦେଶର ରାଜସ୍ୱ ବୃଦ୍ଧି ପାଇଥିଲା। ଭିତ୍ତିଭୂମି ବିକଶିତ ହୋଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ଭାବେ ନୁହେଁ, ଦେଶର ଜଣେ ଅର୍ଥନୀତିଜ୍ଞ ଭାବେ ଡକ୍ଟର ମନମୋହନ ସିଂହଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଆଜି ୯୨ ବର୍ଷ ବୟସରେ ଏହି ମହାନ ଅର୍ଥନୀତିଜ୍ଞ ଏବଂ ରାଷ୍ଟ୍ରନୀତିଜ୍ଞଙ୍କ ପରଲୋକ ହୋଇଯାଇଛି। ଦେଶ ଜଣେ ସୁପୁତ୍ରଙ୍କୁ ହରାଇଛି। ସେ ଥିଲେ ଦେଶର ୧୪ତମ ପ୍ରଧାନମନ୍ତ୍ରୀ। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସେ କ୍ରମାଗତ ୧୦ ବର୍ଷ ଧରି ଦେଶର ପ୍ରଧାନମନ୍ତ୍ରୀ ପଦରେ ଥିଲେ। ତାଙ୍କୁ ଆକ୍ସିଡେଣ୍ଟାଲ ପ୍ରାଇମ ମିନିଷ୍ଟର ଭାବେ ବର୍ଣ୍ଣନା କରାଯାଏ। କାରଣ ୨୦୦୪ରେ କଂଗ୍ରେସ ନେତୃତ୍ୱାଧିନ ୟୁପିଏ ଯେତେବେଳେ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ସେତେବେଳେ କେହି ଭାବିନଥିଲେ ଯେ, ମନମୋହନ ସିଂହ ଦେଶର ପ୍ରଧାନମନ୍ତ୍ରୀ ହେବେ ବୋଲି। ତତ୍କାଳୀନ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ ଥିଲେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ। କିନ୍ତୁ ସୋନିଆ ନିଜେ ପ୍ରଧାନମନ୍ତ୍ରୀ ନହୋଇ ମନମୋହନଙ୍କୁ ଏହି ପଦ ଲାଗି ବାଛିଥିଲେ। ଅନେକ ମନମୋହନଙ୍କୁ ଜଣେ ସଖି କଣ୍ଢେଇ ପ୍ରଧାନମନ୍ତ୍ରୀ ଭାବେ ବିବେଚନା କରୁଥିଲେ। କାରଣ ଅସଲ କ୍ଷମତା ସୋନିଆ ଏବଂ ରାହୁଲଙ୍କ ହାତରେ ଥିଲା। ସେ କେବଳ ଜଣେ ଡମି ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର କ୍ଷମତା ତାଙ୍କର ନିଷ୍ପତ୍ତି ନଥିଲା। ଏହା ସମ୍ପୂର୍ଣ୍ଣ ନହେଲେ ମଧ୍ୟ ଆଂଶିକ ଭାବେ ସତ୍ୟ। କାରଣ ମନମୋହନ ଜଣେ ଅଣରାଜନୈତିକ ବ୍ୟକ୍ତି ଥିଲେ। ସେ ରାଜନୀତିର ଜଟିଳତା ଭିତରେ ପଶିନଥିଲେ କିମ୍ବା ତାଙ୍କର କ୍ଷମତା ଲିପ୍ସା ନଥିଲା। ତାଙ୍କର ଅସଲ ପରିଚୟ ହେଲା ସେ ଜଣେ ପ୍ରବୀଣ ଅର୍ଥନୀତିଜ୍ଞ ଥିଲେ। ଅର୍ଥନୀତିରେ ସେ ଉଭୟ ଭାରତ ଏବଂ ବିଦେଶର ବହୁ ବଡ଼ ବଡ଼ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଲାଭ କରି ପ୍ରଥମେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଏବଂ ପରେ ଦିଲ୍ଲୀ ସ୍କୁଲ ଅଫ ଇକନମିକ୍ସରେ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ସେ ଅନେକ ବଡ଼ ବଡ଼ ପଦପଦବୀରେ ରହିଥିଲେ। ୧୯୮୨ରୁ ୧୯୮୭ ପର୍ଯ୍ୟନ୍ତ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ଯୋଜନା କମିଶନ ଉପାଧ୍ୟକ୍ଷ, ଅର୍ଥ ସଚିବ, ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା, ଅଙ୍କଟାଡ ସଚିବ ଇତ୍ୟାଦି ଅନେକ ପଦପଦବୀରେ ରହି ସେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୯୧ରେ ପି ଭି ନରସିଂହ ରାଓ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ମନମୋହନଙ୍କୁ ଅର୍ଥମନ୍ତ୍ରୀ କରିଥିଲେ। ସେତେବେଳେ ଦେଶର ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିଲା। ଦେଶର ଫୋରେକ୍ସ ରିଜର୍ଭ ଉଦବେଗଜନକ ଭାବେ ହ୍ରାସ ପାଇଥିଲା। ଉପସାଗରରେ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ଜଟିଳତା ଦେଖା ଦେଇଥିଲା। ତୈଳ ଦର ବୃଦ୍ଧି ପାଇଥିଲା। ବେକାରୀ ଓ ଦାରିଦ୍ର୍ୟ ଆକାଶ ଛୁଆଁ ହୋଇଥିଲା। ପୁଞ୍ଜିନିବେଶ ଆଶା ନଥିଲା। ତେଣୁ ନୂଆ ଶିଳ୍ପ ପ୍ରତିଷ୍ଠା ସମ୍ଭବ ନଥିଲା। ନିଯୁକ୍ତି ସୁଯୋଗ ସଙ୍କୁଚିତ ହୋଇଥିଲା। ଏଭଳି ପରିସ୍ଥିତିରେ ମନମୋହନଙ୍କୁ ଦେଶର ଅର୍ଥନୀତିକୁ ସମ୍ଭାଳିବା ଦାୟିତ୍ୱ ନେବାକୁ ପଡ଼ିଥିଲା। ମନମୋହନ ଅର୍ଥମନ୍ତ୍ରୀ ହେବା ପରେ ଦେଶରେ ଆର୍ଥିକ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅର୍ଥନୀତିର ଜଗତିକରଣ ବା ଉଦାର ଅର୍ଥନୀତି ଯୋଗୁ ଭାରତରେ ଘରୋଇ ପୁଞ୍ଜି ନିବେଶ ଲାଗି ସୁଯୋଗ ସୃଷ୍ଟି ହୋଇଥିଲା। ସେହି ସମୟରୁ ଭାରତରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବା ଏଫଡିଆଇ ପ୍ରବେଶ ଆରମ୍ଭ ହୋଇଥିଲା।

# ବ୍ୟାଙ୍କ ରିକଭରି ବ୍ୟବସ୍ଥା ଓ ହାତ ପାହାନ୍ତାରେ ବ୍ୟାଙ୍କ


॥ ଅନୀତ୍ୟ ପ୍ରସାଦ ମହାରଣା ॥


**ଏହି ସବୁ ଜିନିଷକୁ ବିରୋଧ କରି ଲକ୍ଷ୍ମୀ ଏଣ୍ଟରପ୍ରାଇଜେସର ମାଲିକ ବ୍ୟାଙ୍କର ଉଚ୍ଚ ଅଧିକାରୀ ଚ୍ୟାୟାରମ୍ୟାନ ଓ ଚିଫ ଭିଜିଲାନ୍ସ ଅଫିସରଙ୍କୁ କମ୍ପ୍ଲେନ ଦେଲେ ଏବଂ ଲୋକପାଳଙ୍କୁ କମ୍ପ୍ଲେନ ଦେଇଛନ୍ତି ସେ ଭୁବନେଶ୍ୱରର ଜୋନାଲ ସର୍କଲ ଅଫିସ, କଟକ ସର୍କଲ ଅଫିସ, ବାଲେଶ୍ୱର ସର୍କଲ ଅଫିସ, ବ୍ରହ୍ମପୁର ସର୍କଲ ଅଫିସ ଓ ସମ୍ବଲପୁର ସର୍କଲ ଅଫିସ। ଏପରି ବହୁତ ଗୁଡ଼ିଏ ସର୍କଲ ଅଫିସ ଆମ ଓଡ଼ିଶା ରାଜ୍ୟରେ ଅଛି ଯାହାକୁ ତଦନ୍ତ କରିବା ନିହାତି ଆବଶ୍ୟକ।**

ଜାତୀୟ ଅର୍ଥନୀତିରେ ବ୍ୟାଙ୍କ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କେବଳ ଅର୍ଥ ସଞ୍ଚୟ, ଉଠାଣ ବା ଲୋନ ଭିତରେ ନୁହେଁ ପ୍ରତିଟି ବ୍ୟକ୍ତିର ଅର୍ଥନୀତିର ଅନ୍ୟତମ ସଶକ୍ତ କ୍ଷେତ୍ର ହେଉଛି ବ୍ୟାଙ୍କ। କିନ୍ତୁ ତଥାପି ଭାରତରେ କିଛି ଏପରି ବ୍ୟାଙ୍କ ରହିଛନ୍ତି ଯେଉଁମାନେ ଅର୍ଥନୀତିକୁ ବିପର୍ଯ୍ୟୟ ମୁହାଁ କରିବା ସହ ନିଜ ଡଙ୍ଗାକୁ ନିଜେ ବୁଡ଼ାଇଥାନ୍ତି। ଭାରତୀୟ ଅର୍ଥନୀତିରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପାଇଁ ବହୁ ଗ୍ରାହକ ବିଭିନ୍ନ ପ୍ରକାର ଅସୁବିଧାର ଦିନକୁ ଦିନ ଶିକାର ହେଉଛନ୍ତି। ତେଣୁ ଏପରି କ୍ଷେତ୍ରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଚାହୁଛନ୍ତି ୬/୯ ବ୍ୟାଙ୍କମାନେ ସଂଯୁକ୍ତ ହୁଅନ୍ତୁ ଓ ଲୋକମାନଙ୍କର ପୂର୍ବ ପରି ଉଲ୍ଲାସ ଆସ୍ଥା ବ୍ୟାଙ୍କ ଉପରେ ରହୁ। ଭାରତରେ ଅନେକ ବ୍ୟାଙ୍କ ସରକାରୀ ସହାୟତାରେ ଆଜି ବେଶ ପ୍ରତିଷ୍ଠା ଲାଭ କରିଛନ୍ତି। ଏବଂ ଭାରତୀୟ ଅର୍ଥନୀତି ଏହାଦ୍ୱାରା ଆଗକୁ ଚାହିଁଛି। ଏହା କେନ୍ଦ୍ରର ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ସରକାରର ଏକ ବଡ଼ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତରେ ଥିବା ବିଭିନ୍ନ ବ୍ୟାଙ୍କ ଭିତରୁ ଅନ୍ୟତମ ବୃହତ ରାଷ୍ଟ୍ରୀୟତା ବ୍ୟାଙ୍କ ହେଉଛି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ। ଏହାର ଗୋଟିଏ ଶାଖା ଓଡ଼ିଶାରେ ଅଛି। କିଛି ଅସାଧୁ ଅଫିସରଙ୍କ ପାଇଁ ବ୍ୟାଙ୍କ ବଦନାମ ହୋଇ ଚାଲିଛି। କିଛି ଦିନ ପୂର୍ବରୁ ପ୍ରଧାନ ମନ୍ତ୍ରୀ ଘୋଷଣା କରିଥିଲେ ଯେ କିଛି ବ୍ୟାଙ୍କ କିଛି ବ୍ୟାଙ୍କ ସହ ମିଶିବା ପାଇଁ। କିଛି ବ୍ୟାଙ୍କ ଦେବାଳିଆ ଅବସ୍ଥାରେ ଥିଲା ତା ମଧ୍ୟରୁ ଓ.ବି.ସି ବା ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ଅବସ୍ଥା ଏହିପରି ଥିଲା। ଏହି ଦୁଇ ବ୍ୟାଙ୍କକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଟେକଓଭୋର କଲା। କିନ୍ତୁ ଦୁଃଖର ବିଷୟ ଏହି କି ଯେ ସେ ଯେଉଁ ଅଫିସର ଏହି ଦୁଇ ବ୍ୟାଙ୍କକୁ ବୁଡ଼ାଇକି ଆସିଥିଲେ ଏମାନେ ଶପଥ ନେଇଛନ୍ତି କି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ମଧ ବୁଡାଇବେ। ଉଦାହରଣ ସ୍ୱରୂପ ଓଡ଼ିଶା ରାଜ୍ୟରେ ଏକ ମୁଖ୍ୟ କାର୍ଯ୍ୟାଳୟ ଜାଗମରାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ରେଜିଓନାଲ ଅଫିସ ଅବସ୍ଥିତ। ତା ଭିତରେ ସର୍କଲ ଶାସ୍ତ୍ର ଡିଭିଜନର ଜଣେ ବହୁ ନାମିଦାମୀ ସୁନାମଧନ୍ୟ ଅଫିସର ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ। ସେ ଶପଥ ନେଇଛନ୍ତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ବୁଡାଇବା ପାଇଁ। ଏହି ଅଫିସରଙ୍କ ନାମରେ ଚୌଦ୍ୱାର ଥାନାରେ ଠକାମି ମାମଲା ରହିଛି। ଚାରିଶହକୋଡିଏ କେଶ ମନୋରଞ୍ଜନ ସିଂ ନାମକ ଏକ ବ୍ୟକ୍ତି କରିଥିଲେ। ମିଶ୍ରବାବୁ ଏବଂ ଶ୍ରୀଚନ୍ଦନ ବାବୁ ତାଙ୍କୁ ବହୁତ ଭଲ ଭଲ କଥା କହି ଠକି ଦେଇଥିଲେ।

ବ୍ୟାଙ୍କ ରିକଭରି ବ୍ୟବସ୍ଥା ଅନେକ କ୍ଷେତ୍ରରେ ଏପରି ଗୁରୁତର ଭୁଲ ଭଟକା ଭିତରେ ହେଉଛି ଯେ ଲୋକମାନେ ସର୍ବସ୍ୱାନ୍ତ ହେଇଯାଉଛନ୍ତି। ଅନେକ ଲୋକଙ୍କର ଘର ଦ୍ୱାରା ଉଛନ୍ନ ହୋଇ କିଏ ପାଗଳ ହୋଇଯାଉଛି ତ କିଏ ଆତ୍ମହତ୍ୟା କରିଦେଉଛି। ଶ୍ରୀଚନ୍ଦନ ବାବୁ ଓ ମିଶ୍ର ବାବୁଙ୍କ ପରି କରିତକର୍ମା ଯେଉଁଠି ଥିବେ ସେଠାରେ ବ୍ୟାଙ୍କ ଲୋନ ନେଇଥିବା ଗ୍ରାହକମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଶ୍ରୀଚନ୍ଦନ ବାବୁ ଏହିପରି ବିଭିନ୍ନ ପ୍ରକାର କମ୍ପାନୀ ସହ ଜଡ଼ିତ ହୋଇ ଅଛନ୍ତି। ଯଥା ପ୍ରମାଣସ୍ୱରୂପ ରାୟପୁରର ଶ୍ରୀରାମ ଏଣ୍ଟରପ୍ରାଇଜେସର ମାଲିକ ନାମ ରାଲ୍ଲଆନି ବାବୁ ଓ ଶ୍ରୀଚନ୍ଦନ ବାବୁ ମିଶିକରି ବିହାରରେ ଥିବାଏକ ମଦ କମ୍ପାନୀର ଏଗାର କୋଟି ଟଙ୍କାକୁ ଦଶ ଲକ୍ଷ ଟଙ୍କା ଟଙ୍କାରେ ବିକ୍ରି କରିଦେଇଛନ୍ତି। ଏମିତି ବହୁତ ଗ୍ରାହକ ଅଛନ୍ତି ଯାହାଙ୍କ ସହିତ ଶ୍ରୀଚନ୍ଦନ ବାବୁ ଏହିପରି ଠକାମି କାମ ସବୁ କରିଛନ୍ତି। ସମସ୍ତେ ସବୁ ଜାଣିଲା ପରେ ମଧ କେହି ମୁହଁ ଖୋଲି ପାରୁନାହାଁନ୍ତି। କାରଣ ସେ ତାଙ୍କ ଅଫିସରେ ଏକ ନୂଆ କୋଠାଘରକୁ ଡାକି ଧମକ ଦିଅନ୍ତି ଓ କୁହନ୍ତି ଦେଖୁଛନ୍ତି ଆମର ଏ କୋଠାଘରେ କାମ କରୁଥିବା କେତେ କର୍ମଚାରୀ ସବୁ ଅଛନ୍ତି। ଆମ୍ଭେମାନେ ସମସ୍ତେ ମିଶିକରି ତୁମ ନାମରେ ମିଥ୍ୟା ଅଭିଯୋଗ କହିବୁ। ଆଉ ଏକ କଥା ମଧ ରହିଛି ଯାଜପୁର ରୋଡ଼ର ଲକ୍ଷ୍ମୀ ଏଣ୍ଟରପ୍ରାଇଜେସ କମ୍ପାନୀର ମାଲିକଙ୍କୁ ଡାକି କି ତାଙ୍କ ଅଫିସରେ ପନ୍ଦର ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏବଂ ଧମକ ମଧ ଦେଇଥିଲେ ଯେ ତମେ ଯଦି ଆମକୁ ଲାଞ୍ଚ ନ ଦେବ ତାହାହେଲେ ମୁଁ ପଟ୍ଟନାୟକ ଏବଂ ସାଲୁଜାକୁ କହିକି ବାଲେଶ୍ୱର ଥାନାରେ ତମ ନାମରେ ଏଫଆଇଆର ରଦ୍ଧ କରିବି ଏବଂ ତମ ସମ୍ପତ୍ତିକୁ ଓ.ଟି.ଏସ ନକରି କମ ଦାମରେ ବିକ୍ରି କରିଦେବି। ସେହିପରି ଭୁବନେଶ୍ୱର ସର୍କଲ ଅଫିସରେ ଗ୍ରାହକମାନେ ଗଲାବେଳକୁ ଓ.ଟି.ଏସ୍. ପାଇଁ ସେତେବେଳେ ବ୍ୟାଙ୍କ କହୁଛି ଯେ ତୁମ କବଲା ପୋଡି ଯାଇଛି, ହଜିଯାଇଛି, ଏଭଳି ବିଭିନ୍ନ ପ୍ରକାର ବାହାନା କରୁଛନ୍ତି। ଏମିତି କହି ବ୍ୟାଙ୍କ ଗ୍ରାହକ ମାନଙ୍କୁ ଧମକାଉଛନ୍ତି ଓ ଏପରି କରି ଫେରାଇ ଦେଉଛନ୍ତି।

ଏହି ସବୁ ଜିନିଷକୁ ବିରୋଧ କରି ଲକ୍ଷ୍ମୀ ଏଣ୍ଟରପ୍ରାଇଜେସର ମାଲିକ ବ୍ୟାଙ୍କର ଉଚ୍ଚ ଅଧିକାରୀ ଚ୍ୟାୟାରମ୍ୟାନ ଓ ଚିଫ ଭିଜିଲାନ୍ସ ଅଫିସରଙ୍କୁ କମ୍ପ୍ଲେନ ଦେଲେ ଏବଂ ଲୋକପାଳଙ୍କୁ କମ୍ପ୍ଲେନ ଦେଇଛନ୍ତି ସେ ଭୁବନେଶ୍ୱରର ଜୋନାଲ ସର୍କଲ ଅଫିସ, କଟକ ସର୍କଲ ଅଫିସ, ବାଲେଶ୍ୱର ସର୍କଲ ଅଫିସ, ବ୍ରହ୍ମପୁର ସର୍କଲ ଅଫିସ ଓ ସମ୍ବଲପୁର ସର୍କଲ ଅଫିସ। ଏପରି ବହୁତ ଗୁଡ଼ିଏ ସର୍କଲ ଅଫିସ ଆମ ଓଡ଼ିଶା ରାଜ୍ୟରେ ଅଛି ଯାହାକୁ ତଦନ୍ତ କରିବା ନିହାତି ଆବଶ୍ୟକ। ଏନପିଏର ଆକାରର ଗ୍ରାହକ ମାନଙ୍କୁ କେଉଁ ପ୍ରକାର ବ୍ୟବହାର କରୁଛନ୍ତି ଓ କେତେ ଟଙ୍କାର ସ୍କାମ କରୁଛନ୍ତି ତାହା ବ୍ୟାଙ୍କ ଅଫିସରମାନେ ଜଣାଇ ପାରୁନାହାଁନ୍ତି। ଶ୍ରୀଚନ୍ଦନ ବାବୁଙ୍କର ଆଉ ଗୋଟିଏ କଥାଅଛି। ଭୁବନେଶ୍ୱର ବିଜେପି ନଗରର ଇଲେକ୍ଟ୍ରିକ ଷ୍ଟେସନ ପାଖରେ ୨୦ ହଜାର ସ୍କୋୟାରଫୁଟ ଜାଗାରେ କିଛି ଗରିବ ଆଦିବାସୀ ଲୋକ ବାସ କରୁଥିଲେ। ଶ୍ରୀଚନ୍ଦନ ବାବୁ ବ୍ୟାଙ୍କର କିଛି ଗାଇଡ଼ ଲାଇନ ନ ମାନି ତାଙ୍କ ମନ ଇଛା କାମ କରୁଛନ୍ତି। ଗରିବ, ଖଟିଖିଆ ନିରୀହ ଲୋକମାନଙ୍କୁ ହଇରାଣ କରି ସେ ଜାଗାକୁ କମ ଦାମରେ ବିକ୍ରି କରୁଛନ୍ତି। ନିଜ ସ୍ୱାର୍ଥକୁ ପଛଘୁଞ୍ଚା ନଦେଇ ଓଟିସ ନକଲେ ଧମକ ଦେଉଛନ୍ତି। ଆମ ହାତରେ କୋର୍ଟ, ସିବିଆଇ ଓ ଓଇଓଡବ୍ଲ୍ୟୁର ଧମକ ଦେଉଛନ୍ତି। ଶ୍ରୀଚନ୍ଦନ ବାବୁ କୁହନ୍ତି ଯେ ଆପଣମାନେ ଯଦି ହାଇକୋର୍ଟକୁ ଯିବେ ତାହାହେଲେ କୋର୍ଟ ଆପଣ ମାନଙ୍କୁ ରହିତାଦେଶ ଦେବନାହିଁ। ସେମାନେ ସବୁବେଳେ ବ୍ୟାଙ୍କ ସମର୍ଥନରେ ରାୟ ଦେବେ। ଆପଣମାନେ ଯଦି ଡିଆର ପର୍ଯ୍ୟନ୍ତ ବି ଯିବେ ସେ ବି ବ୍ୟାଙ୍କର ସପକ୍ଷରେ ଯିବେ। ଆପଣମାନେ ଯେତେ ଚେଷ୍ଟା କଲେ ମଧ ଆପଣ ମାନଙ୍କୁ କେବେ କୋର୍ଟ ସମର୍ଥନ ଦେବନାହିଁ କିମ୍ବା କୌଣସି ରିଲିଫ ମଧ ଦେବେନାହିଁ। ଆପଣମାନେ ବୁଲି ବୁଲି ଆମ ପାଖକୁ ହିଁ ଆସିବେ। ଆମେ ତୁମ ନାମରେ ଓଲଟି ଏତଲା ଦେବୁ। ଏହି ପରି ଭାବରେ ବ୍ୟାଙ୍କର କିଛି ଅସାଧୁ ଅଫିସରମାନେ ନିଜ ସ୍ୱାର୍ଥପାଇଁ ବ୍ୟାଙ୍କର ନାମକୁ ବଦନାମ କରୁଛନ୍ତି ଏବଂ ଏହା ସହ ଗ୍ରାହକ ମାନଙ୍କର ବ୍ୟାଙ୍କ ପ୍ରତି ଥିବା ଆଶା ଭରଷାକୁ ମଧ ଭାଙ୍ଗୁଛନ୍ତି। ନିଜ ନିଜ ଭିତରେ ସେମାନେ ଅର୍ଥନୀତିର ରୀତିମତ ବେପାର ଚଳାଉଛନ୍ତି।

ଏଣୁ ଆମ୍ଭେମାନେ ସମସ୍ତ ବ୍ୟାଙ୍କ ଗ୍ରାହକମାନେ ବିନମ୍ର ସହ ଅନୁରୋଧ କରୁଛୁ କି ଏପରି ବ୍ୟାଙ୍କର କିଛି ବଡ଼ ବଡ଼ ଅଫିସରମାନେ ଏହାର ଗୋଟିଏ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆମକୁ ନ୍ୟାୟ ପ୍ରଦାନ କରାଯାଉ ଓ ସେମାନଙ୍କୁ ବାଦ ଦିଆଯାଉ। ସେମାନଙ୍କର ଏପରି ବିଚାର ଅଭ୍ୟାସ ରହିଲେ ଓ.ବି.ସି. ୟୁନାଇଟେଡ ବ୍ୟାଙ୍କ ପରି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ମଧ ବୁଡ଼ାଇ ଦେବ। ଗରୀବ ଓ ହିତାଧିକାରୀ ମାନଙ୍କୁ ନ୍ୟାୟ ଦିଅନ୍ତୁ ନଚେତ ଆମେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ। ଭାରତୀୟ ଅର୍ଥନୀତିରେ ଜନତାଙ୍କ ସହଯୋଗୀତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏସବୁ କ୍ଷେତ୍ରରେ ବ୍ୟାଙ୍କ ମାନଙ୍କ ସହଯୋଗ ମଧ୍ୟ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏକ ଦେଶର ଏବଂ ଏକ ଜାତିର ଉନ୍ନତିରେ ବ୍ୟାଙ୍କର ସହଯୋଗ ପୃଷ୍ଠପୋଷକତା ଓ ପ୍ରୋତ୍ସାହନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏ କ୍ଷେତ୍ରରେ ସରକାର ନିଜେ ତଦନ୍ତକାରୀ ଲୋକାମାନଙ୍କର ବ୍ୟାଙ୍କ ପାଖରେ ଯେଉଁ ବିଶ୍ୱସନୀୟତା ଥିଲା ତାହା ବଜାୟୀ ରଖନ୍ତୁ। କାରଣ କୌଣସି ଏକ ବ୍ୟାଙ୍କ ପାଇଁ ଜାତୀୟ ଅର୍ଥନୀତି ବିପଦଗ୍ରସ୍ତ ନହୁଏ ଏ କ୍ଷେତ୍ରରେ ସରକାର କାଳ ବିଳମ୍ବ ନକରି ଲୋକମାନଙ୍କର ଅର୍ଥନୀତିକୁ ଆହୁରି ଦୃଢ଼ ମଜଭୁତ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ।


ଅର୍ଥନୈତିକ ବ୍ୟାପାର ବିଶେଷଜ୍ଞ, ୪୧୨, ସେକ୍ଟର-୬, ସିଡିଏ, କଟକ


# ବୈକୁଣ୍ଠ ସମାନ ଆହା ଅଟେ ସେହି ଘର


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର" – ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅମୃତମୟ ପଂକ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି। ସତରେ ଘର ହିଁ ସ୍ୱର୍ଗ – ଏହି ପ୍ରାଚୀନ ଲୋକମୁଖର କଥାଟି ବାସ୍ତବିକ ବିଲକ୍ଷଣ। ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ – ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ, ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର। ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ। ସୁଖ-ଦୁଃଖ, ଝଡ଼-ଝଞ୍ଜା, ବିଶ୍ୱାସ-ଅବିଶ୍ୱାସ ଭିତରେ ଆଜି ଭାରତୀୟ ପାରିବାରିକ ବ୍ୟବସ୍ଥା ତଥାପି ଅତୁଟ ରଖିଛି ନିଜର ମୂଲ୍ୟବୋଧ ଓ ଗାରିମାକୁ ନେଇ। ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ଯଦିଓ କିଛିକାଂଶରେ ଏକାନ୍ନବର୍ତ୍ତୀ ଅବସ୍ଥାକୁ ଆସିଛି ବୋଲି ସମାଜ ବିଜ୍ଞାନୀ ଅଭିଯୋଗ କରନ୍ତି ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ। ଏହା ହିଁ ହେଉଛି ଆର୍ଯ୍ୟସ୍ଥାନ ଭାରତବର୍ଷର ବିଶେଷତ୍ୱ। ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ। ଘର ହିଁ ଦେବତାଙ୍କ ନିବାସ, ଦେବାଳୟ। ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ। ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି। ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ। ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ। ଆର୍ଯ୍ୟ ଭାରତର ପରମ୍ପରାକୁ ଅବଲମ୍ବନ କରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଗୁରୁ ହିଁ ହେଉଛନ୍ତି ସଦ୍‌ଗୁରୁ, ସେ ହିଁ ପଥ ପ୍ରଦର୍ଶକ। ସେ ହିଁ ପରିବାର ଭିତରେ ସମନ୍ୱୟ ରକ୍ଷା କରନ୍ତି। ଆବାଳ ବୃଦ୍ଧ ବନିତାଙ୍କୁ ସେ ହିଁ ବୁଦ୍ଧି ଯୋଗ ପ୍ରଦାନ କରିଥାନ୍ତି। ଗୁରୁ ହିଁ ହେଉଛନ୍ତି ଜୀବନର କୀଳକେନ୍ଦ୍ର, ବସୁଧୈବ କୁଟୁମ୍ବକମ୍‌ର କେନ୍ଦ୍ରବିନ୍ଦୁ, ପ୍ରେମର ପରମାଣୁ। କଥାରେ ଅଛି – 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି।' ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ।

ଏକ ମାଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାର ସୂତା। ସମାଜରେ ଏହି ସୂତା ହେଉଛି ସଂସ୍କାର। ସଂସ୍କାର ନୈତିକ ଆଚରଣ ରଙ୍ଗରେ ରଙ୍ଗେଇ ହୋଇଥାଏ। ସମାଜରେ ଆସୁଥିବା ସବୁ ପରିବର୍ତ୍ତନ, ସଭ୍ୟତା ନାଁରେ ଆସୁଥିବା ପ୍ରଭାବ ସତ୍ତ୍ୱେ ଯଦି ସୂତାରେ ଗଣ୍ଠି ନପଡ଼େ ତାହେଲେ ଆମ ସମାଜ, ଆମ ସଭ୍ୟତାର ମାଳା ଅକ୍ଷୁର୍ଣ୍ଣ ରହିବ। ଏ କଥା ପରିବାର ସଂଖ୍ୟାରେ ବୃଦ୍ଧି, ସଦସ୍ୟମାନଙ୍କ ମଧ୍ୟରେ ତାଳମେଳର ଅଭାବ, ଚପଗ୍ରସ୍ତ ବାତାବରଣ, ଦେବାର ଭାବନା ନ ରହିବ, ନିଜ ଖୁସି ଖୋଜିବାର ଆଗ୍ରହ, ସଦସ୍ୟମାନଙ୍କ ମଧ୍ୟରେ ବାର୍ତ୍ତାଳପର ଅଭାବ, ଆଦି ନିରବରେ ଅନେକ କିଛି କରିଯାଏ। ଏହି ଛୋଟ ଛୋଟ କଥା ମଜଭୁତ ସୂତାକୁ କେତେବେଳେ ଦୁର୍ବଳ କରିଦେଉଛି ସେ କଥା ବି ଜଣାପଡ଼େନି।

ହେଲେ ସଂଧ୍ୟା ପୂର୍ବରୁ ଦୀପ ଲଗାଇଦେଲେ ଘର ଅନ୍ଧାର ହୁଏନି। ଏବେ ବି ସମୟ ହାତରୁ ଯାଇନି, ଗୋଟିଏ ପିଢ଼ି ପର ପିଢ଼ିକୁ ସଂସ୍କାର ହସ୍ତାନ୍ତର କରିପାରିବ ଉତ୍ତରାଧିକାର ସୂତ୍ରରେ। ତା ହେଲେ କ'ଣ କରିବେ ? କ'ଣ କଲେ ପରିବାର – ସମାଜର ମାଳା ଗୋଟିଏ ସୂତ୍ରରେ ବାନ୍ଧି ହୋଇ ରହିବ ? ଆଜିର ବ୍ୟସ୍ତ ସମୟରେ ସମୟ ନାହିଁ କାହା ପାଖରେ। ତା ଭିତରେ ବି ସମୟ କାଢ଼ିବାକୁ ହେବ ପରିବାର ପାଇଁ, ପର ପିଢ଼ି ପାଇଁ। ପ୍ରଥମେ ଏଥିପାଇଁ ବାଛନ୍ତି ଦିନଟିଏ। ପିଲାଙ୍କ ଜନ୍ମ ଦିନ ଏମିତି ଏକ ଅବସର। ପୁରା ପରିବାର ଏକାଠି ଖୁସି ମନାଏ ଏ ଦିନରେ। ତେଣୁ ସମସ୍ତଙ୍କ ସହ ମିଶି ଏକ ରୀତି ପରି ପାଳନ କରନ୍ତୁ ଏ ଦିନକୁ। ଜନ୍ମ ଦିନରେ ବଡ଼ମାନେ ଉପହାର ଓ ଆଶୀର୍ବାଦ ତ ଦିଅନ୍ତି। ହେଲେ ପ୍ରତିବର୍ଷ ପିଲାଙ୍କୁ ସଂସ୍କାରଟିଏ ମଧ ଉପହାର ଦିଅନ୍ତୁ। ବଡ଼ମାନଙ୍କୁ ସମ୍ମାନ କରିବା ହେଉ କି ସମସ୍ତଙ୍କୁ ସାହାଯ୍ୟ କରିବା ହେଉ। ସବୁବେଳେ ସତ କହିବାର ଶିକ୍ଷା ହେଉ ବା ଠିକ୍ ସମୟରେ କାମ କରିବାର ଶିକ୍ଷା। ପିଲାର ବୟସ ଅନୁଯାୟୀ ସଂସ୍କାର ବାଛି ତାକୁ ଦିଆଯାଇପାରେ। ଆପଣ ଚାହିଁଲେ ଦୁଇ-ତିନି ସଂସ୍କାର ମଧ୍ୟରୁ ଗୋଟିଏକୁ ବାଛିବା ନିମନ୍ତେ ପିଲାକୁ ବିକଳ୍ପ ଦିଅନ୍ତୁ। ଏ ସମ୍ପର୍କରେ ଜନ୍ମ ଦିନରେ କିଛିଦିନ ଆଗରୁ ପରିବାରର ବଡ଼ମାନେ ବସି ବିଚାରବିମର୍ଶ କରିନେବା ଉଚିତ। ସଂସ୍କାରର ବିଭିନ୍ନ ବିକଳ୍ପ ମଧ୍ୟରୁ ଗୋଟିକୁ ବାଛିବା ନିମନ୍ତେ ପିଲାଙ୍କୁ କୁହନ୍ତୁ। ଏହାର ଲାଭ କ'ଣ ସେ କଥା ମଧ ପିଲାଙ୍କୁ ବୁଝାଇ ଦେବା ଦରକାର।

ପିଲାମାନେ ପ୍ରତିଜ୍ଞା ଭୁଲି ଯାଆନ୍ତି। ସଂସ୍କାର ଓ ଏହାକୁ ପାଳନ କରିବା ନିମନ୍ତେ ପ୍ରତିଶ୍ରୁତି ପିଲା ନ ଭୁଲୁ ଏହା ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ। ସେ ଭୁଲି ନଯାଉ ଏଥିପାଇଁ ସବୁ ବଡ଼ମାନେ ତାକୁ ମଝିରେ ମଝିରେ ସ୍ନେହରେ ବୁଝାଇବା ଦରକାର। କହିବାର ଶୈଳୀ ଠିକ୍ ହେଲେ ପିଲାମାନେ କଥା ମାନନ୍ତି। ଭଲ ସଂସ୍କାର ପିଲା ମନରେ ଭଲ ବିଚାର ଆଣେ। ତାକୁ ବାଟବଣା ହେବାରୁ ରୋକେ, ଜୀବନ ଜୀଇଁବାର ଉପାୟ ଶିଖାଏ। ପିଲା ପରିବାର ଓ ସମାଜକୁ ଭଲପାଇ ଏଥିପାଇଁ ପ୍ରଥମରୁ ବାପ-ମାଆ ଯତ୍ନଶୀଳ ହେବା ଦରକାର।

ଆଜିର ବସ୍ତୁ ସର୍ବସ୍ୱ ସମୟରେ ପରିବାରର ଚିତ୍ର ବଦଳିଯାଉଛି। ବ୍ୟସ୍ତବହୁଳ କର୍ମଦାୟିତ୍ୱର ବୋଝ ଭିତରେ ସମସ୍ତେ ପେଶି ହୋଇଯାଉଛନ୍ତି। ପରିବାର ସହ କିଛି ମୁହୂର୍ତ୍ତ ବାଣ୍ଟିବା ପାଇଁ କାହା ପାଖରେ ବି ଆଉ ସମୟ ନାହିଁ। ପିଲାଟିଏ ହେଉ ବା ଗୁରୁଜନ ସମସ୍ତଙ୍କ ସହ ସମୟ ବାଣ୍ଟିବାର ଯେଉଁ ଅନାବିଳ ମମତା ତାହା କ'ଣ କେଉଁଠି କେଉଁ ମୂଲ୍ୟରେ ବି ମିଳିପାରିବ ? ସହର ଠାରୁ ଗାଁ ସବୁଠି ଆଜି ପରିବାର ଖାଁ ଖାଁ, ଯେଉଁ ପରିବାରର ଅଗଣାରେ ଦିନେ ଫାଟି ପଡୁଥିଲା ଖୁସିର ଜୁଆର, ଆନନ୍ଦର ଢ଼େଉ, ସେଠି ଆଜି ନିସ୍ତବ୍ଧ ନିର୍ଜନତା। ପିଲାମାନେ ବଡ଼ ହେଉଛନ୍ତି, ସେମାନଙ୍କ ପାଠଶାଠ ଆଉ ଚାକିରି ସବୁକିଛି ବାହାରେ, ହେଲେ ସମସ୍ତେ ଭୁଲି ଯାଉଛନ୍ତି ପରିବାରକୁ। ସହରରେ ବି ପରିବାର ଅଛି କିନ୍ତୁ ସେ ପରିବାର ଭିତରେ କେତେ ରହିଛି ଆନନ୍ଦ, କେତେ ରହିଛି ଖୁସି ଆଉ ସୁଖର ଖୋଲା ମୁହୂର୍ତ୍ତ ସବୁ ? ସୂଚନା ପ୍ରଯୁକ୍ତିର କ୍ରାନ୍ତୀ ସମସ୍ତଙ୍କୁ ଯୋଡ଼ି ଦେଇଛି କମ୍ପ୍ୟୁଟର, ଲାପ୍‌ଟପ୍ ଆଉ ମୋବାଇଲର ମାୟା ଭିତରେ। କିନ୍ତୁ ଏହା ଭିତରେ ଲୁଚି ରହିଛି ପରିବାରକୁ ଖୋଜୁଥିବା ଲୋଡୁଥିବା କିଛି ମଣିଷ। ବର୍ତ୍ତମାନର ସମାଜ ଓ ପରିବର୍ତ୍ତିତ ସମୟର ସୁଅକୁ ଦେଖିଲେ ଲାଗୁଛି ପରିବାର ସବୁ ଭାଙ୍ଗିଯାଉଛି। ଦିନ ଥିଲା ସର୍ବବୃହତ୍ ଯୌଥ ପରିବାରକୁ ନେଇ ଲୋକମାନେ ଗର୍ବ ଅନୁଭବ କରୁଥିଲେ। ବର୍ତ୍ତମାନ ବି ଅନେକ ସ୍ଥାନରେ ଯୌଥ ପରିବାର ରହିଛନ୍ତି ଯେଉଁଠି ପଚାଶ ଷାଠିଏରୁ ଅଧିକ ସଦସ୍ୟ ଗୋଟିଏ ଛାତ ତଳେ, ଗୋଟିଏ ହାଣ୍ଡିରେ ବି ଖାଉଛନ୍ତି। କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', ବରଜୁ ପ୍ରଧାନଙ୍କ କଥା ଅନୁଯାୟୀ ବିଲରେ ହିଡ଼ ପଡ଼ିନାହିଁ କି ଘରେ ପାଚେରୀ ଉଠିନାହିଁ। ଆଉ ଏହା ହିଁ ହେଉଛି ଯୌଥ ପରିବାରର ସବୁଠାରୁ ବଡ଼ ଶ୍ରଦ୍ଧାଶୀଳ ଲକ୍ଷଣ। ତଥାପି କିଛି ଏକାନ୍ନବର୍ତ୍ତୀ ଛୋଟ ଛୋଟ ପରିବାର ରହିଛି। ସମାଜ ବିଜ୍ଞାନର ଭାଷା ପରିବାରର ସଂଜ୍ଞା ଓ ଧାରାକୁ ବଦଳାଇ ଦେଇଛି। ଘର ହିଁ ସ୍ୱର୍ଗ। ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ। ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ। ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ। ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ। ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ। ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି। ଆଜି ବିଶ୍ୱ ପରିବାର ଦିବସ ଅବସରରେ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା। ସେହି ବୈକୁଣ୍ଠ ସମାନ ଗୃହରୁ ଶୁଣାଯାଉଛି ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱର – 'ପିତାଙ୍କୁ ଶ୍ରଦ୍ଧା ମାଙ୍କୁ ଟାଣ, ସେହି ଶିଶୁ ହୁଏ ସାମ୍ୟପ୍ରାଣ। ମାତୃଭକ୍ତି ଅଟୁଟ ଯେତେ ସେହି ଶିଶୁ ହୁଏ କୃତୀ ସେତେ। ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ତପର ନନ୍ଦନା, ପିତୃ ପ୍ରୀତି ଟାଣି ଆଣେ ସବୁ ଦେବତାର ବନ୍ଦନା।'


**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**


# ସୁନା ପିଲା


॥ ଅନୀତା ପଟ୍ଟନାୟକ ॥


ବିଲେ ଓ ସୁଶ୍ରୀ ଦୁଇ ଭାଇ ଭଉଣୀ ଥିଲେ। ସେମାନେ ଯାଆଁଳା ହୋଇ ଥିବାରୁ ଗୋଟିଏ ଶ୍ରେଣୀରେ ପଢୁଥିଲେ। ତାଙ୍କ ଶିକ୍ଷକ ସେମାନଙ୍କୁ ଭଲ ପିଲା ହେବା ପାଇଁ ଭଲ କଥା ସବୁ ଶିଖାଉଥିଲେ। ଯଥା ଦୟା ଏକ ଭାଷା ତାହା ମୁକ କହିପାରେ ଏବଂ ବଧିର ଶୁଣିପାରେ ଏବଂ ବୁଝିପାରେ ଆତ୍ମାନନ୍ଦରେ ରହୁଥିବା ମଣିଷ କେବେ ଗରିବ ନୁହେଁ। ନିରାନନ୍ଦରେ ରହୁଥିବା ମଣିଷ କେବେ ଧନୀ ହୋଇପାରେନା। ଅଭ୍ୟାସ ମଣିଷର ଏକ ଭଲ ବନ୍ଧୁ ଓ ଶତ୍ରୁ ମଧ। ଅନୁକମ୍ପା କେବେ ବେକାର ଯାଏନାହିଁ ଯେ ପର୍ଯ୍ୟନ୍ତ ତୁମେ ତାକୁ ଛାଡ଼ି ନ ଦେଉଛ। ତୁମ ପାଖରେ କଣ ଅଛି, ଯେତେ ବଡ଼କଥା ନୁହେଁ ବରଂ ପ୍ରକୃତରେ ତୁମେ କଣ ତାହା ବଡ଼କଥା।

ବିଲେ ଓ ସୁଶ୍ରୀ ଏପରି କଥାଶୁଣି ସେମାନେ କିପରି ଭଲ ପୁଅ ଓ ଭଲ ଝିଅ ହୋଇପାରିବେ ଓ ଶିକ୍ଷକଙ୍କ ପରି ଜଣେ ଭଲ ମଣିଷ ହୋଇପାରିବେ, ଭଲ କଥା ଓ କାମ କରିପାରିବେ ସେ ବିଷୟରେ ମାଆଙ୍କ ଠାରୁ ବୁଝିବାକୁ ଚାହିଁଲେ। ବିଲେ ପଚାରିଲା ମାଆ ମୁଁ କଣ କଲେ ସମସ୍ତେ ମତେ ଭଲ ପିଲା ବୋଲି କହିବେ। ମାଆ କହିଲେ ବିଲେ ତୁମେ ଏକ ଉଦାହରଣ ନିଅ। ସଫା ସୁତୁରା ରହିବା ଭାବକୁ ଦିବ୍ୟତ୍ୱ ସହ ତୁଳନା କରାଯାଇଛି। ଅପରିଷ୍କାର ଓ ଅପରିଚ୍ଛନ୍ନ ଲୋକଙ୍କୁ କେହି ଭଲ ପାଆନ୍ତି ନାହିଁ ଏପରିକି ଭଗବାନ ମଧ। ତୁମର ପରିଷ୍କାର ପରିଚ୍ଛନ୍ନତା ତୁମର ନଖକୁ ଦେଖିଲେ ଜଣାପଡ଼ିବ। ନଖ ଭିତରେ ଜୀବାଣୁ ରହିଯାଆନ୍ତି ତେଣୁ ଆମେ ବଡ଼ ବଡ଼ ନଖ ରଖିବା ଉଚିତ ନୁହେଁ। ପ୍ରତି ସପ୍ତାହରେ ଆମେ ନଖକୁ କାଟି ଦେବା ଉଚିତ। ଏହାଦ୍ୱାରା ଆମେ ଅନେକ ରୋଗରୁ ମୁକ୍ତି ପାଇ ପାରିବା ଓ ହାତ ସଫା ରହିବ। ବିଲେ କହିଲା ମୋ ନଖ ବଢ଼ୁନୁହେଁ କିନ୍ତୁ ସୁଶ୍ରୀ ତାର ସାଙ୍ଗ ମାନଙ୍କ ଠାରୁ ଦେଖି ତାର ନଖ ବଢ଼ାଉଛି। ମାଆଙ୍କୁ ସୁଶ୍ରୀ କହିଲା କାଲି ତୁମେ ଦୟା କରି ମୋର ନଖ ଗୁଡ଼ିକୁ କାଟିଦେବ। ନଖ ବଢ଼ାଇବା କେବେ ସୌନ୍ଦର୍ଯ୍ୟର କାରଣ ହୋଇନପାରେ। ମୁଁ ଜୀବଜନ୍ତୁ ବା ବାଘୁଣୀ ହେବାକୁ ଚାହୁଁନି। ମୁଁ ଭଲ ଝିଅ ହେବାକୁ ଚାହୁଁଛି। ହେଲେ ତୁମର ମୋ ପାଇଁ ଉପଦେଶ କ'ଣ ? ମା କହିଲେ ବର୍ତ୍ତମାନ ଯୁଗରେ ଟେଲିଭିଜନ ଓ ମୋବାଇଲ ଫୋନ ସମସ୍ତଙ୍କର ଭଲ ସାଙ୍ଗ ହୋଇଉଠିଛି। ତୁମେ ଭଲ ପୋଗ୍ରାମ ଦେଖି ପାରିବ। ଯଦି ଜାଣି ନପାରୁଛ ତେବେ ବାପା ମାଆଙ୍କୁ ପଚାରି ବୁଝିପାର କେଉଁ ଗୁଡ଼ିକ ତୁମର ଦରକାର। ଟେଲିଭିଜନ ଓ ମୋବାଇଲ ଫୋନକୁ ଆଖି ପାଖରେ ଲଗାଇ ଦେଖନାହିଁ ତାହା ତୁମର ଆଖି ଓ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇବ। ଏପରି କଲେ ତୁମକୁ ସମସ୍ତେ ଭଲ ଝିଅ ବୋଲି କହିବେ। ବିଲେ କହିଲା ମୁଁ କଣ କଲେ ବାପା ଓ ତୁମେ ମତେ ଭଲ ପିଲା ବୋଲି କହିବ ? ମାଆ କହିଲେ ତୋର ପଢ଼ାଘର, ଘର ଓ ପରିବେଶକୁ ତୁ ସଫା ରଖିବୁ ତତେ ସମସ୍ତେ ଭଲ ପିଲା କହିବେ। ଏହାର ଏକ ସୁନ୍ଦର ଉପାୟ ଅଛି। ଘରେ ରଖାଯାଇଥିବା ଜିନିଷକୁ ଏପଟ ସେପଟ କରନାହିଁ ଯାହା ଯେଉଁ ଜାଗାରେ ଅଛି ସେଠାରେ ରହିବାକୁ ଦିଅ। ବହିଥାକରୁ ବହି ଆଣି ପଢ଼ି ସାରିବା ପରେ ପୁଣି ଯଥା ସ୍ଥାନରେ ରଖିଦିଅ। ଏପରି ଅଭ୍ୟାସ ଆମେ ଘରୋଇ ବ୍ୟବହାର୍ଯ୍ୟ ଜିନିଷ ପତ୍ର ମଧ ପ୍ରଜୁଜ୍ୟ କରିବା ଉଚିତ।

ସୁଶ୍ରୀ କହିଲା ଭାଇ ତାର ବହିକୁ ଠିକ ଜାଗାରେ ରଖେନା କାଗଜ କାଟି ଘର ସାରା ଏଣେ ତେଣେ ଫିଙ୍ଗେ। ପଢ଼ା ଟେବୁଲକୁ ସଫା ରଖେନା। ଖାଇଲା ବେଳେ ତଳେ ଖାଇବା ପକାଇ ଦିଏ। କାଲି ବାପା ଗାଧୋଇବାକୁ ଗଲାବେଳେ ଦେଖିଲେ ଗାଧୋଇବା ଘରେ ମଗ ନାହିଁ। ତାହା ବିଲେର ପଢ଼ା ଟେବୁଲ ଉପରେ ଥୁଆ ହୋଇଥିଲା ଓ ସେ ରଙ୍ଗ ଗୋଳାଉଥିଲା। ବିଲେ କହିଲା ମୁଁ ବୁଝିଗଲି ଆଜି ଠାରୁ ଏପରି ଭୁଲ ଆଉ କରିବି ନାହିଁ। ସୁଶ୍ରୀ କହିଲା ତୁମେ ସବୁକଥା ଭାଇକୁ କହୁଛ ସେ କିପରି ଭଲ ପିଲା ହେବ ମୋ ପାଇଁ କିଛି କୁହ। ମା କହିଲେ ହଁ ତୋ ପାଇଁ ଏକ ବଡ଼ କଥା ଭୁଲି ଯାଇଛି ତତେ କହୁଛି। ଗୋଟିଏ ଝିଅ ବଦଖର୍ଚ୍ଚି ହେବା ଉଚିତ ନୁହେଁ। ଏହା ମୁଁ କେବଳ ପଇସା ଦୃଷ୍ଟିକୋଣରୁ କହୁନାହିଁ। ଆମେ ଘରର ପାଣି କଳକୁ ମନଇଛା ଖୋଲିଦେବା ଉଚିତ ନୁହେଁ। ଏହାଦ୍ୱାରା ଆମେ ଦେଶର କ୍ଷତି କରୁଛୁ। ଜଳ ହିଁ ଜୀବନ। ତେଣୁ ଆମେ ଜଳ ସଂରକ୍ଷଣ କରିବା ଉଚିତ। ପାଣିକଳ ଖୋଲୁଥିବା ସମୟରେ ପାଣି ବ୍ୟବହାର କରି ସାରିବା ପରେ ତୁରନ୍ତ ପାଣି କଳକୁ ବନ୍ଦ କରିଦେବା ଉଚିତ। ସୁଶ୍ରୀ ତୁମେ ଅନେକ ସମୟରେ ଘରର ଲାଇଟ ଓ ପଙ୍ଖା ବନ୍ଦ କରିବାକୁ ଭୁଲି ଯାଉଛ। ଏହା ଶକ୍ତିର ଅପବ୍ୟବହାର। ଭଗବାନ ଏପରି କରୁଥିବା ଲୋକ ମାନଙ୍କୁ ଭଲ ପାଆନ୍ତି ନାହିଁ। ଆମେ ଖର୍ଚ୍ଚ କାଟ କରିବା ଉଚିତ। ଯାହା ଆମକୁ ମିଳୁଛି ତାହାକୁ ଆମେ ସଦବ୍ୟବହାର କରିବା ଉଚିତ। ଆମେ ଭଲ ବହି ପଢ଼ିବା ଓ ଭଲ କାମ କରିବା। ବେଶୀ ପଇସା ମିଳିଲେ ଆମେ ତାକୁ ସଞ୍ଚୟ କରିବା। ସଞ୍ଚୟ ଧନ ଅଧିକ ହେଲେ ଆମେ ତାକୁ ଭଲ କାମରେ ବିନିଯୋଗ କରିବା। ବାପା ଅଫିସରୁ ଫେରି ଆସି ଦେଖିଲେ, ଘରଟି ଅଲଗା ଅଲଗା ଲାଗୁଛି। ବିଲେର ବହିପତ୍ର ସଜଡ଼ା ହୋଇ ରହିଛି। ପଙ୍ଖା, ଲାଇଟ, ପାଣି ସବୁ ବନ୍ଦ ଅଛି। ଯେପରି ଶକ୍ତିର ଉପଯୁକ୍ତ ବ୍ୟବହାର ପାଇଁ ସମସ୍ତେ ପ୍ରତିଜ୍ଞାବଦ୍ଧ। ମା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ଓ ସୁସ୍ୱାଦ ଖାଦ୍ୟ ପରିଷି ଦେବାରେ ଆଜି ପିଲାମାନେ ବିରୋଧ କଲେନାହିଁ। ବାପାଙ୍କ ପାଟିରୁ ବାହାରିଗଲା ମୋ ପୁଅ ଝିଅ ଭଲ ପିଲା ହୋଇଗଲେଣି।


**ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ,**
**କଟକ, ଦୂରଭାଷ : ୯୬୯୨୯୮୦୦୨୬**

## ଓକିଲ ଓ ସାମ୍ବାଦିକ ମାନଙ୍କୁ ଧମକ ଦେଇ ଅସାମାଜିକ ବ୍ୟକ୍ତି ଗିରଫ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସାମ୍ବାଦିକ ସଂଘ ଓ ଓକିଲ ସଂଘକୁ ହିନ୍ଦୋଳ ଏନଏସି ର ଜୈନିକ ଅସାମାଜିକ ବ୍ୟକ୍ତି କିଛି ଦିନ ହେଲା ଫେସବୁକ ଓ ସୋସିଆଲ ମିଡିଆରେ କିଛିଦିନ ଧରି ଗାଳିଗୁଲଜ କରୁଥିବା ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଥିଲା। ହିନ୍ଦୋଳ ଏନଏ ସି ଓ୍ୱାର୍ଡନଂ୫ ଧୁନ୍ଦିନାଳି ଗ୍ରାମର ଜୈନିକ ବ୍ୟକ୍ତି ନିରୋଜ କୁମାର ପାଳ(ବୁଲୁ)ନାମକ ବ୍ୟକ୍ତି ବିନା କାରଣରେ ହିନ୍ଦୋଳ ସାମ୍ବାଦିକ ସଂଘ ଓ ଓକିଲ ସଂଘକୁ କୁ ବ୍ୟକ୍ତିଗତ ଭାବରେ ଓ ସାମୁହିକ ଭାବରେ ଫେସବୁକ ସୋସିଆଲ ମିଡିଆରେ ଲେଖି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକ ଚମକ ଦେବାସହ ରାସ୍ତା ଘାଟ ଯଉଠି ମନ ସେଇଠି ଖୋଲମ ଖୋଲା ଅଭଦ୍ର ଭାଷାରେ ଗାଳି କରୁଥିଲେ । ନିରୋଜଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଓ ଉଭୟ ସଂଘର ସମ୍ମାନହାନି ହେବାସହ ସମସ୍ତଙ୍କ ସପରିବାରେ ଜୀବନ ପ୍ରତି ବିପଦ ସୃଷ୍ଟି ହେବାରୁ ଉଭୟ ହିନ୍ଦୋଳ ସାମ୍ବାଦିକ ସଂଘ ଓ ଓକିଲ ସଂଘ ପକ୍ଷରୁ ପୃଥକ ପୃଥକ ଭାବରେ ହିନ୍ଦୋଳ ଥାନାରେ ଗତ ୬/୧/୨୦୨୫ରିଖରେ ଏତଲା ଦେଇଥିଲେ । ତେବେ ଉଭୟ ସଂଘର ଅଭିଯୋଗ କ୍ରମେ ଆଜି ହିନ୍ଦୋଳ ପୋଲିସ ଅଭିଯୁକ୍ତ ନିରୋଜ ପାଳକୁ ଗିରଫ କରିବା ସହ ଥାନାରେ ରଖି ପଚରା ଉଚରା ଜାରି ରଖିଛନ୍ତି ଏବଂ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିଲା ମାତ୍ର ସ୍ଥାନୀୟ ପୋଲିସର କୋହଳ ମନୋବୃତି ପାଇଁ କୋର୍ଟରୁ ବ୍ୟକ୍ତିଗତ ମୁଚଲିକାରେ ଜାମିନରେ ଆସିଥିବା ବେଳେ ଆଗକୁ ଏହା ସମ୍ପୃକ୍ତ ବ୍ୟକ୍ତିଙ୍କ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ସହାୟକ ହେବ ବୋଲି କ୍ଷୋଭ ପ୍ରକାଶ କରି ଉଭୟ ସଂଘ କହିଛନ୍ତି।

## ମଣ୍ଡଳ ସ୍ତରୀୟ ସୁନିଶ୍ଚିତ କାର୍ଯ୍ୟକ୍ରମ



ବାଣପୁର : ( ମହାଭାରତ ) ବାଣପୁର ମଣ୍ଡଳ ସ୍ତରୀୟ ସୁନିଶ୍ଚିତ କାର୍ଯ୍ୟକ୍ରମ ୨୦୨୫ସରକାରୀ ଉଚ୍ଚ ବିଦ୍ୟାଳୟ ବାଣପୁର-୧ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବାଣପୁର ମଣ୍ଡଳର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ କେ. ବିଜୟଲକ୍ଷ୍ମୀ ଙ୍କ ଅଧକ୍ଷତାରେ ଆୟଜିତ ହୋଇଥିଲା। ଏଥିରେ ବାଣପୁର ବ୍ଲକ ର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ବିଷୟଗତ ଦକ୍ଷତା ସମ୍ପନ୍ନ ୨୦ ଜଣ ଜଚ ଏବଂ ଆସନ୍ତା ମାଟ୍ରିକ ବୋର୍ଡ ପରୀକ୍ଷାରେ ଇ୧ ପାଇଁ ଆଶାୟୀ ଥିବା ବିଭିନ୍ନ ବିଦ୍ୟାଳୟର ୪୦ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।ପ୍ରଥମେ ଛାତ୍ରଛାତ୍ରୀଙ୍କ ଦ୍‌ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ପଦ୍ମଚରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ହିମାଂଶୁ ପତିଙ୍କ ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ପ୍ରତ୍ୟେକ ଜଚ ପରୀକ୍ଷା ଉପଯୋଗୀ ବିଭିନ୍ନ ବିଷୟ ଉପରେ ସେମାନଙ୍କର ମତାମତ ଦେଇଥିଲେ। ଛାତ୍ର ଛାତ୍ରୀ ମାନେ ମଧ୍ୟ ପରୀକ୍ଷାଗତ ଦ୍‌ନ୍ଦ ସମାଧାନ ନିମନ୍ତେ ଆବଶ୍ୟକ ପ୍ରଶ୍ନ ପଚାରିଥିଲେ। ସମୟର ସଦୁପଯୋଗ କରି ସମୟ ଅନୁସାରେ ଉପମୁକ୍ତ ହୋଇ ଉତ୍ତର ଲେଖିବା ପାଇଁ ଛାତ୍ର ଛାତ୍ରୀଙ୍କ ସହ ଆଲୋଚନା କରାଗଲା। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ କାର୍ଯ୍ୟକ୍ରମକୁ ସମାପନ କରାଗଲା।

## ଆଇଜିକେଏ ଓଡିଶା ପକ୍ଷରୁ କରାଟେକା ମାନଙ୍କୁ କଲର ବେଲ୍ଟ ପ୍ରଦାନ ସମାରୋହ



ପାରାଦୀପ - ଇ□ରନ୍ୟାସନାଲ ଗୋସୋକୁ-ରିୟୁ କରାଟେ-ଡୋ ଆସୋସିଏସନ (ଆଇଜିକେଏ) ଓଡିଶା ଶାଖା ପକ୍ଷରୁ ପାରାଦୀପ ର ମଧୁବନ ସ୍ଥିତ ଆମ୍ବେଦକର ପାର୍କ ପରିସରରେ ବୁଧବାର ଅପରାହ୍ନ ରେ ଏକ କଲର ବେଲ୍ଟ ପ୍ରଦାନ ସମାରୋହରେ କରାଟେ ପ୍ରଶିକ୍ଷାର୍ଥୀ ମାନଙ୍କୁ ବିଭିନ୍ନ କଲର ବେଲ୍ଟ ପ୍ରଦାନ କରାଯାଇଥିଲା କ୍ଷ ଏହି ଅବସରରେ ଆଇଜିକେଏ ଓଡ଼ିଶାର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୟ ସାହା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ପୌର ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ଭାଗିରଥି ମଲ୍ଲିକ,ଶଶାଙ୍କ ଶେଖର ଆଚାର୍ଯ୍ୟ, ଜଗବନ୍ଧୁ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ୧୦୦ ଜଣ କରାଟେ ଛାତ୍ରଛାତ୍ରୀ ଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିବା ବେଳେ ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ସାହା ସମସ୍ତ ଉତ୍ତୀର୍ଣ୍ଣ କରାଟେକା ମାନଙ୍କୁ ବେଲ୍ଟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଆଇଜିକେଏ ର କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ମିଶ୍ର ପରିଚାଳନା କରିଥିବା ବେଳେ ଯୋଗଗୁରୁ ତାପସ ରଞ୍ଜନ ପତି ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

## ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ

ଗୋଲାମୁଣ୍ଡା (ମହାଭାରତ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସାନଚେରଗାଁ ଆ□ଳିକ ବସ୍ତରାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ୨୦୨୪-୨୫ ଶିକ୍ଷା ବର୍ଷର ୨୧୩ ଜଣ ଛାତ୍ରୀଙ୍କର ଆତ୍ମ ସୁରକ୍ଷା ତାଲିମ ଶିବିର ଆଜି ଉଦଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେଗାଁ ବନବିଭାଗ ବନପାଳ ଶ୍ରୀଯୁକ୍ତ ମଧୁକର ପୁଟେଲ ଯୋଗଦେଇ ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଉପରେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବରେ ଅନୁଷ୍ଠାନର ଓଡ଼ିଆ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ରଜନ କୁମାର ପଣ୍ଡା ଯୋଗଦେଇ ଭାରତୀୟ ସଂସ୍କୃତି ରେ ନାରୀ ମାନଙ୍କର ସ୍ଥାନ ଓ ମର୍ଯ୍ୟାଦା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜନୀତି ବିଭାଗ ଅଧ୍ୟାପକ ଶ୍ରୀଯୁକ୍ତ ଅଗସ୍ତି ସୁନାନୀ ପରିଚାଳନା କରିଥିବା ବେଳେ ତ୍ରିଲୋଚନ ସାହୁ ଅଧକ୍ଷ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗ ଅଧ୍ୟାପକ କେଶବ ଲାଲ ସାହୁ,ଖେଳ ଶିକ୍ଷକ ଜୟଦେବ ପାଢ଼ୀ, ଓଡ଼ିଆ ବିଭାଗ ଅଧ୍ୟାପକ ଅରବିନ୍ଦ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ତାଲିମ ର ପ୍ରଥମ ଦିନରେ ତାଲିମ ଦାତା ଭାବରେ ହୀରା ନିଆଲ, କବିତା ମାଝୀ, କାମିନୀ ମହାନନ୍ଦ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ପ୍ରଥମ ଦିନରେ ବିଭିନ୍ନ କୌଶଳ ଉପରେ ଶିକ୍ଷା ପ୍ରଦର୍ଶନ କରିଥିଲେ ।

## ଜିଲ୍ଲା ସ୍ତରୀୟ ୧୮ ତମ ପ୍ରବାସୀ ଭାରତୀୟ ଦିବସ ପାଳିତ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ସଭାଗୃହ ଠାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସ୍ତରୀୟ ୧୮ ତମ ପ୍ରବାସୀ ଭାରତୀୟ ଦିବସ ପାଳନ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ପ୍ରଥମେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ପ୍ରତିମର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ଗୁଣନିଧି ନାୟକମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।ସମ୍ମାନୀତ ଅତିଥି ଭାବେ ପାରଳା ବିଧାୟକ ଇଂ ରୂପେଶ ପାଣିଗ୍ରାହୀ,ସଭାପତି ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ମାୟାଧର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଲେମାନ ରାଇକା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ,ଅଷ୍ଟ୍ରେଲିଆ ନିବାସୀ ସନ୍ତୋଷ ପାଣିଗ୍ରାହୀ,ଭର୍ଜେନୀୟାର ପ୍ରଫେସର ରୋଶନ ନାୟକ, ଭଗବତ ପାଢ଼ୀ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲାୟମୁଖ୍ୟ ଅତିଥିଙ୍କ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରାଯାଇଥିଲା। ମଞ୍ଚାସିନ ଅତିଥି ମାନେ ନିଜର ଅନୁଭୂତି ବ୍ୟକ୍ତ କରିବା ସହିତ ଏହି ଦିବସର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେୟବିଭିନ୍ନ ସ୍କୁଲ ଓ କଲେଜ ସ୍ତରରେ ବକ୍ତୃତା, କୁଇଜ ପ୍ରଭୃତି ପ୍ରତିଯୋଗିତାମାନ ହୋଇଥିଲା।ଏହି ପ୍ରତିଯୋଗିତାରେ କୃତି ହୋଇ ଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଶେଷରେ ସୁଲତା ପ୍ରିୟଦର୍ଶିନି ମଞ୍ଚପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ

ବେଗୁନିଆ(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଂଚାୟତର ବିଭିନ୍ନ ଗ୍ରାମରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟି ସହଯୋଗରେ ପ୍ରଚଣ୍ଡେଶ୍ୱର ସେବା ସଂସ୍ଥା ପକ୍ଷରୁ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ ହୋଇଛି । ଏଥିରେ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ପେଣ୍ଟୋଇଙ୍କ ଅଧକ୍ଷତାରେ ସ୍ଥାନୀୟ ସରପଂଚ ଅକ୍ଷୟ କୁମାର ରାଉତରାୟ ମୁଖ୍ୟ ଅତିଥି, ସମାଜସେବୀ ଯୋଗେଶ୍ୱର ପଣ୍ଡା ମୁଖ୍ୟବକ୍ତା,ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ ଓ ପ୍ରୋଜେକ୍ଟ ସଂଯୋଜକ ଦାଶରଥି ଶ୍ରୀ ଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନ ସାଧାରଣ ମାନଙ୍କର ସଚେତନତାର ଯଥେଷ୍ଟ ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ଦେଉଳି, ଓଗାଳପୁର,ଡଙ୍ଗରପଡ଼ା ଓ ସାମନ୍ତରାପୁର ଗ୍ରାମର ମହିଳା ଗୋଷ୍ଠୀ, ଅଙ୍ଗନବାଡି କର୍ମୀ ଓ ଓ୍ୱାର୍ଡ ସଭ୍ୟ ଆଦି ଉପସ୍ଥିତ ରହି କମିଟି ଗଠନ ହୋଇଥିଲା।



ଓଡିଶାର ନୂତନ ରାଜ୍ୟପାଳ ଡ.ହରିବାବୁ କମ୍ଭମପତିତଙ୍କୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବୁଧବାର ଦିନ ରାଜଭବନ ଠାରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

## ଫିରିଙ୍ଗିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେଲା ଭୀମଭୋଇ ସାମର୍ଥ୍ୟ ଶିବିର



କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପରିସରରେ ବୁଧବାର ଦିନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଫିରିଙ୍ଗିଆ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠୀ ଙ୍କ ଅକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଫିରିଙ୍ଗିଆ ଫିରିଙ୍ଗିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା କହଁର ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା,ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ମୁଖ୍ୟ ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇଥିଲେ । ଫିରିଙ୍ଗିଆ ବ୍ଲକ ଅଧୀନରେ ସମୁଦାୟ ୨୪ ଟି ପଞ୍ଚାୟତର ହଜାରେରୁ ଉର୍ଦ୍ଧ ଜନସାଧାରଣ ଯୋଗ ଦେଇଥିବା ବେଳେ ସିକିଲ ସେଲ ବିଭାରେ ୧୪,ମାନସିକ ବିଭାଗରେ ୪୨,ଚକ୍ଷୁ ବିଭାଗରେ ୧୫, ଅସ୍ଥିସଲ୍ୟ ବିଭାଗରେ ୧୧୭ ଜଣ ପଞ୍ଜିକରଣ କରିଥିଲେ ଓ ସମୁଦାୟ ୧୮୮ ଜଣ ବିଭିନ୍ନ ଭାବରେ ପଞ୍ଜିକରଣ କରିଥିଲେ। ୮୩ ଜଣ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ୧୮ ଜଣକୁ ଭିନ୍ନକ୍ଷମ ପ୍ରମାଣ ପତ୍ର କାର୍ଯ୍ୟକ୍ରମ ଅବସରରେ ତୁରନ୍ତ ପ୍ରଦାନ କରା ଯାଇଥିଲା । ବିଭିନ୍ନ ବିଭାଗର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତର ମାନେ ଯଥା ଡାକ୍ତର ଦେବଜିତ ଦଶ, ଡାକ୍ତର ଜୟଦୀପ ଘୋଷ, ଡାକ୍ତର ଉତ୍କଳ ବେହେରା, ଡାକ୍ତର ସତ୍ୟବ୍ରତ ସାହୁ, ଡାକ୍ତର ନିର୍ମଳ ଚନ୍ଦ୍ର ବିଶୋଇ, ଡାକ୍ତର ବସନ୍ତ ପଳାଇ ଯୋଗ ଦେଇ ଚିକିତ୍ସା କରିବା ସହ ଭିନ୍ନକ୍ଷମ ମାନଙ୍କୁ ଔଷଧ ପ୍ରଦାନ ଏବଂ ପ୍ରମାଣ ପତ୍ର ପାଇଁ ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟକ୍ରମ ସକାଳ ଆଠ ଘଂଟିକାରୁ ଆରମ୍ଭ ହୋଇ ଅପରାହ୍ନ ତିନି ଘଂଟିକା ପର୍ଯ୍ୟନ୍ତ ଚାଲିଥିଲା।

## ସମାଜସେବୀ ଚରମାନନ୍ଦ ଦାସ ଙ୍କୁ ସମ୍ବର୍ଦ୍ଧିତ

ପାଟଣା:-(ମହାଭାରତ):ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ର ସଂଗଠକ ତଥା ଭାଗବତ ଟୁଙ୍ଗି ପ୍ରଚାର ସମିତିର ଜିଲ୍ଲା ସଂଯୋଜକ ବାବାଜୀ ଚରମାନନ୍ଦ ଦାସଙ୍କୁ ସାହିତ୍ୟ, ସଂସ୍କୃତି, ଆଧାତ୍ମିକତା ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ସାରା ଓଡିଶାରେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଗଭୀର ଆଲୋଡନ ସୃଷ୍ଟି କରିଥିବା ବର୍ତ୍ତମାନ ସମୟର ସୁପରିଚିତ ନାମ ପାଲଟିଥିବା ପ୍ରସିଦ୍ଧ ଚକ୍ଷୁ ଚିକିତ୍ସାଳୟର ୨୮ତମ ପ୍ରତିଷ୍ଠା ଉତ୍ସବ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକର ସିଂହାପୁର ଗ୍ରାମ ପଞ୍ଚାୟତର ସିଂହାପୁର ଗ୍ରାମସ୍ଥିତ ଗ୍ରୀନ ଗାର୍ଡେନ ପରିସରରେ ଡଃ ବିଶ୍ୱଜିତ ମହାନ୍ତି ଙ୍କ ଅଧକ୍ଷତାରେ ମହାଆଡମ୍ବରରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଆନ୍ତର୍ଜାତିକ ସ୍ତରରେ କ୍ରିୟାଯୋଗ ଓ ଗୀତା ଜ୍ଞାନ ପ୍ରଚାର ତଥା ଗୋ'ସେବା କ୍ଷେତ୍ରରେ ବହୁ ପ୍ରତିଷ୍ଠା ଅର୍ଜନ କରିଥିବା ସ୍ୱନାମଧନ୍ୟ ମହାନ ସ୍ୟ ପ୍ରଜ୍ଞାନାନନ୍ଦ ପରମହଂସ ଓ ଭୂମିକା'ର ପ୍ରତିଷ୍ଠାତା ଡ଼ଃ ଭୀଷ୍ମ ପ୍ରସାଦ ରଥ, ଚେୟାରମ୍ୟାନ ଡ଼ଃ ଭୂମିକା ରଥ, ଟାଟା ସ୍ୱଞ୍ଜୀ ମ୍ୟାନେଜର ତ୍ରିଲୋଚନ ପଲେଇ ଏବଂ ଭୂମିକାର ଉ□ର ଓଡିଶା ଆ□ଳିକ ପରିଚାଳକ କର୍ଣ୍ଣାଟ କିଶୋର ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଚରମାନନ୍ଦ ଦାସଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।ଚରମାନନ୍ଦ ଦାସ ଏକାଧାରରେ ଜଣେ କବି, ଗାଳ୍ପିକ, ସ୍ତମ୍ଭକାର, ଭଗବତ ପ୍ରବଚକ ଓ ସମାଜସେବୀ ଏବଂ ସମାଜ ସଂସ୍କାରକ ।

## ନେପୁ ୟୁନୀୟନ ର ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଲେ ବିଜୁ ଜନତା ଦଳ ର ସମସ୍ତ ନେତା ଓ କର୍ମୀ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ରେ ଥିବା ଏକ ମାତ୍ର ନବରତ୍ନ ଉଦ୍ୟୋଗ ନାଲକୋ ରେ ଥିବା ଅଗ୍ରଣୀ ଶ୍ରମିକ ସଂଗଠନ ନେପୁ ର ସମସ୍ତ କର୍ମକର୍ତ୍ତା ଙ୍କୁ ନେଇ ଏକ ବନ୍ଧୁ ମିଳନ ବଣଭୋଜି ର ଆୟୋଜନ ନାଲକୋ ନିକଟସ୍ଥ କୁରୁଡୋଳ ହନୁମାନ ବାଟିକା ଠାରେ ଅନୁଷ୍ଠିତ ହୋଇଥିଲା , ନେପୁ ର ସଭାପତି ତଥା ତାଳଚେର ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ ତ□୍ୱାବଧାନରେ ଏହି ବଣ ଭୋଜି ରେ ଅନୁଗୋଳ ର ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ, ପାଲଲହଡ଼ା ରେ ପୂର୍ବତନ ବିଧାୟକ ମୁକେଶ ପାଲ , ଛେଣ୍ଡିପଦା ର ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା , ଢେଙ୍କାନାଳ ର ପୂର୍ବତନ ସାଂସଦ ମହେଶ ସାହୁ , ଢେଙ୍କାନାଳ ର ବିଜୁ ଜନତା ଦଳ ତରଫରୁ ଗତ ନିର୍ବାଚନରେ ସାଂସଦ ପାର୍ଥି ହୋଇଥିବା ସମାଜସେବୀ ଡାକ୍ତର ଅବିନାଶ ସାମଲ , ହିନ୍ଦ୍ ମଜଦୂର ସଂଘ ର ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର କୁମାର ବିଶ୍ୱାଳ ,ହିନ୍ଦ୍ ମଜଦୂର ସଂଘ ଜିଲ୍ଲା ସଭାପତି ତ୍ରିଲୋଚନ ପ୍ରଧାନ , ନେପୁ ର ପୂର୍ବତନ ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ ଙ୍କ ସହିତ ନେପୁ ର ଅନେକ ପୂର୍ବତନ କର୍ମକର୍ତ୍ତା ଙ୍କ ସହିତ ସଂଗଠନ ସହିତ ଜଡ଼ିତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ । ବଣଭୋଜି ଆଳରେ କିଭଳି ଆଗାମୀ ଦିନରେ ସଂଗଠନ କୁ ସୁଦୃଢ଼ କରାଯାଇ ପାରିବ ସେ ନେଇ ସଂଗଠନ ର ସଭାପତି ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ ଏକ ସଭା ର ଆୟୋଜନ କରିଥିଲେ ଯାହାକୁ ନେପୁ ର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଆଗେଇ ନେଇଥିଲେ । ପୂର୍ବତନ ଉପ ବାଚସ୍ପତି ତଥା ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ନେପୁ ର ଜୟ ଯାତ୍ରା ର ବିବରଣୀ ଦେଇ ସଂଗଠନ ଆରମ୍ଭରୁ ଆଜି ପର୍ଯ୍ୟନ୍ତ କିଭଳି କାର୍ଯ୍ୟ କରୁଛି ଆଗାମୀ ଦିନରେ କଣ ପଦକ୍ଷେପ ଗ୍ରହଣ କଲେ ସଂଗଠନ ସୁଦୃଢ଼ ହେବା ସହିତ ନାଲକୋ କର୍ମଚାରୀ ଓ ପାରିପାର୍ଶିକ ଗ୍ରାମ ଗୁଡ଼ିକର ଉନ୍ନତି ହୋଇ ପାରିବ ବୋଲି କହିଥିଲେ। ଶେଷରେ ନେପୁ ସଂଗଠନ ର ଯୁଗ୍ମ ସମ୍ପାଦକ ସତ୍ୟଜିତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମା'ଭଗବତୀଙ୍କୁ ଲାଗି ହେଲା ନବାନ୍ନ


ବାଣପୁର( ମହାଭାରତ ): ଆଜିଠାରୁ ୨୪ଦିନ, ପୌଷ ଶୁକ୍ଳ ନବମୀ ବୁଧବାର,ଦିବା ୧ଘଟିକା ୧୫ ମିନିଟ ଅମୃତଲଗ୍ନରେ ମା'ଭଗବତୀଙ୍କୁ ଲାଗି ହେଲା ନବାନ୍ନ । ବାଣପୁର-ଉତ୍କଳର ପ୍ରତି ଦେବା ଦେବୀଙ୍କ ପୀଠରେ ଆଶ୍ୱିନ ଦଶହରା ଠାରୁ ନବାନ୍ନ ଲାଗି ହେଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଶକ୍ତି କ୍ଷେତ୍ର ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀ ଓ ଶ୍ରୀ ଦକ୍ଷେଶ୍ୱରଦେବଙ୍କ ପୀଠରେ କେବଳ ଧନୁମାସରେ ନିଆରା ଢଙ୍ଗରେ ଏକ ସମୟରେ ନବାନ୍ନଲାଗି ହେବାର ପରମ୍ପରା କାହିଁ କେଉଁ କାଳରୁ ଚଳି ଆସିଛି । ପରମ୍ପରାନୁସାରେ ମନ୍ଦିର ପାଞ୍ଜିକାର ଶରତ ଚନ୍ଦ୍ର ପଣ୍ଡିତରାୟ ଗଣନା କରି ଆଜିର ଦିନରେ ନବାନ୍ନ ଲାଗିପାଇଁ ଲଗ୍ନସ୍ଥିର କରିଥିଲେ ।ସେହି ଅନୁସାରେ ମା'ଙ୍କ ଜମିରୁ ଆଦାୟ ନୂଆ ଧାନରୁ ଶୁଦ୍ଧପୂତ ଭାବରେ ନୂଆ



ଚାଉଳ, ନୂଆଚୁଡ଼ା, ନୂଆଲିଆ ପ୍ରସ୍ତୁତ କରି ଋଷି ଶଙ୍କର ସ୍ୱାଇଁ, ମନ୍ଦିର କାର୍ଯ୍ୟାଳୟକୁ ଯୋଗାଇଦେଇଥିଲେୟବଡ଼ି ସ କ । ଳ ୁ ବେଢ଼ାଖାଡ଼ୁକାସେବକ ବୁଲି ଗୌଡ଼ ମନ୍ଦିରର ରୋଷଘର, ପାଟ ଅଗଣା, ମନ୍ଦିର ବେଢ଼ା, ନାଟମଣ୍ଡପ, କୁତ୍ତୁଆ ଦ୍‌ୱାର, ଧୋଧାକରି ପରିଷ୍କାର କରିଥିଲେ। ଟୁଟୁସୁଆର ରୋଷଘରଭିତର ଗୋବରପାଣି କରି ନୂଆ ଚୁଲି, ଏଣ୍ଡୁରି ପାଇଁ ନୂଆ ଅଥର ହାଣ୍ଡି, ନୂଆକନା ପ୍ରସ୍ତୁତ କରିଥିଲେ ୟ ପାଳିଆମାଳି ସଂଜୟ ମହାପାତ୍ର, ପବିତ୍ର ନାୟକ ଗର୍ଭଗୃହ,ଦର୍ଶନ ମଣ୍ଡପ ଧୋପଖାଳ କରି ମା'ଙ୍କ ଅଙ୍ଗରାଗ ମାଜଣା ପରେ ମହାପ୍ରସାଦ ଲାଗି କରାଇ ମା'ଙ୍କୁ ନୂତନ ପାଟବସ୍ତ୍ରରେ ବେଶ କରାଇବା ସହିତ ବେଢ଼ାରେ ଥିବା ସମସ୍ତ ଦେବାଦେବୀଙ୍କୁ ମଧ୍ୟ ନବ ବସ୍ତ୍ରରେ ବେଶ କରାଯାଇଥିଲା । ପ୍ରକାଶ ଥାଉକି ସବୁଦିନପରି ସକାଳ ୮ ଘଟିକା ସମୟରେ ହେଉଥିବା ମା'ଙ୍କ ବଲ୍ଲଭ ଆଳତି ସାରି ଶ୍ରଦ୍ଧାଳୁଙ୍କ ଭୋଗ ଲାଗି ନୀତିକାନ୍ତି ଆଜି କିନ୍ତୁ ନବାନ୍ନ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଗଣକଙ୍କ ଦ୍‌ୱାରା ସ୍ଥିର କରାଯାଇଥିବା ଲଗ୍ନ ଦିବା୧ ଘଟିକା ୧୫ ମିନିଟ ଅମୃତବେଳାରେ ଘଣ୍ଟା କାହାଳି ବାଜି ପୂଜକ ପ୍ରକାଶ ମହାପାତ୍ର ବଲ୍ଲଭ ଓ ନାବାନ୍ନଧୂପ ଏକ ସମୟରେବଢ଼ାଇ ଥିଲେ। ବଲ୍ଲଭରେ ନୂଆଚୁଡ଼ା ଲିଆରେ ପ୍ରସ୍ତୁତ ମୁଆଁସହିତ ଧୂପରେ ନୂଆ ଚାଉଳରେ ପ୍ରସ୍ତୁତ ଖେଚେଡ଼ି, ଖିରି,ନୂଆ ବିରିରେ ପ୍ରସ୍ତୁତଏଣ୍ଡୁରି, ଡାଲି,ଆମ୍ବିଳ, ମାଛ ମହୁର, ଶାଗମୁଗ ନୈବେଦ୍ୟଏକ ସମୟରେ ଲାଗି କରାଇ, ଆଳତି ବଢାଇଥିଲେ । ପରେ ପାର୍ଶ୍ୱ ଦେବା ଦେବୀଙ୍କ ପାଖରେ ମଧ୍ୟ ନବାନ୍ନ ଗୁଣ୍ଡା ଭୋଗଲାଗି କରାଯାଇଥିଲା । ପରେ ସମସ୍ତ ନିଯୋଗୀ ସେବାୟତ ଆଜି ମନ୍ଦିର ବେଢ଼ାରେ ବସି ମା'ଙ୍କ ନବାନ୍ନ ପ୍ରସାଦ ସେବନ କରିଥିଲେ । ମା'ଙ୍କୁ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁମାନେ ମଧ୍ୟ ମା'ଙ୍କ ନବାନ୍ନ ପ୍ରସାଦ ଶ୍ରଦ୍ଧାର ସହିତ ମାଗି ସେବନ କରୁଥିବାର ଦେଖିବାକୁ ମିଳିଥିଲା ।ସେହିପରି ମା'ଙ୍କ ପିତ୍ରାଳୟ ଶ୍ରୀ ଶ୍ରୀଦକ୍ଷେଶ୍ୱର ଦେବଙ୍କ ମନ୍ଦିରରେ ମଧ୍ୟ ଜୀଉଠାରେ ଏକ ସମୟରେ ଅମୃତ ଲଗ୍ନରେ ନବାନ୍ନ ଲାଗି କରାଯାଇ ଦିବା ପହୁଡ଼ ହୋଇଥିଲା । ନବାନ୍ନ ଦିନ ସକାଳରୁ ରାତି ପର୍ଯ୍ୟନ୍ତ ମା'ଙ୍କ ପାଖରେ ସମସ୍ତ ନୈବେଦ୍ୟ କେବଳ ନୂଆ ଚାଉଳ ନୂଆ ବିରି,ନୂଆଚୁଡ଼ାଲିଆ ରେ ପ୍ରସ୍ତୁତ ହୋଇ ଲାଗି କରାଯାଏ ଓ ଏହିଦିନ ବାହାରର ଅନ୍ୟ କୌଣସି ଯଜମାନି ଭୋଗ ମା'ଙ୍କ ପାଖରେ ଲାଗିହୁଏ ନାହିଁ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦଦାସ ପ୍ରକାଶ କରିଛନ୍ତି ।

# ସରୁନି ଷ୍ଟାଡ଼ିୟମ ନିର୍ମାଣ କାର୍ଯ୍ୟ : ପାକିସ୍ତାନକୁ ଲାଗିପାରେ ଝଟ୍କା






ଇସଲାମାବାଦ,୮।୧: ପାକିସ୍ତାନର କରାଚିରେ ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍ ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଧାର୍ଯ୍ୟ ହୋଇଛି।ଏହାର ଅର୍ଥ ଚାମ୍ପିୟନ୍ସ ଟ୍ରଫି ଆରମ୍ଭକୁ ଆଉ ମାତ୍ର ୪୦ ଦିନ ବାକି ରହିଛି। ହାଇବ୍ରିଡ ମଡେଲରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ତାର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳିବ।

କିନ୍ତୁ ଏସବୁ ଭିତରେ ଚାମ୍ପିୟନ୍ସ ଟ୍ରଫିକୁ ନେଇ ଆଇସିସିର ଚିନ୍ତା ବଢ଼ିଛି ପାକିସ୍ତାନର ଲାହୋର, କରାଚି ଓ ରାଲପିଣ୍ଡିରେ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ସେଠାରେ ଷ୍ଟାଡିୟମ ଗୁଡ଼ିକର ନିର୍ମାଣ କାମ ଅଧାପନ୍ତରା ହୋଇପଡ଼ି ରହିଛି।ଏପରି କି ଗୋଟିଏ ଷ୍ଟାଡିୟମର ପ୍ଲାଷ୍ଟର କାମ ମଧ ସରିନି।

ଷ୍ଟାଡିୟମ ଗୁଡ଼ିକର କାମ କେମିତି ଅଧାପନ୍ତରା ହୋଇପଡ଼ି ରହିଛି, ତାର ଭିଡିଓ ଓ ଫଟୋ ସାମ୍ନାକୁ ଆସିବା ପରେ ସମସ୍ତଙ୍କ ଚିନ୍ତା ବଢ଼ିଛି ଧାର୍ଯ୍ୟ ସମୟ ଅନୁସାରେ ପାକିସ୍ତାନ ଯଦି କାମ ସାରି ନ ପାରିବ, ତାହେଲେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିବାର ଅଧିକାର ହରାଇବ ପାକିସ୍ତାନ ବଦଳରେ ଚାମ୍ପିୟନ୍ସ ଟ୍ରଫିର ସବୁ ମ୍ୟାଚ୍ ୟୁଏଇରେ ଖେଳାଯିବ ବୋଲି ଜଣାପଡ଼ିଛି।

ଆଇସିସିର ଗୋଟିଏ ସୂତ୍ରରେ କୁହାଯାଇଛି ଯେ ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓ ଅତ୍ୟ ନୈରାଶ୍ୟଜନକ। ୩ଟି ଯାକ ଷ୍ଟାଡିୟମ ପ୍ରସ୍ତୁତ ହେବା ଠାରୁ ବହୁତ ଦୂରରେ ରହିଛି। ଷ୍ଟାଡିୟମଗୁଡ଼ିକର ମରାମତି କରାଯାଉନି। ବରଂ ନୂଆ। କରି ତିଆରି କରାଯାଉଛି।

ଷ୍ଟାଡିୟମ କାମ ଅନେକ ବାକି ରହିଛି ସିଟ ଠାରୁ ଆରମ୍ଭ କରି ଆଉଟ ଫିଲ୍ଡ ଓ ପିଚ୍ କାମ ମଧ ହୋଇନି ନିର୍ମାଣ କାମ ପାଇଁ ସେଠାକାର ପାଣିପାଗ ମଧ ଠିକ ନୁହେଁ ଷ୍ଟାଡିୟମ ଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ଦ୍ରୁତଗତିରେ ସବୁ କିଛି କରିବାକୁ ପଡ଼ିବ।

ଗଦାଫି ଷ୍ଟାଡିୟମରେ ପ୍ଲାଷ୍ଟର କାମ ମଧ ହୋଇନି ଡ୍ରେସିଂ ରୁମ ଠାରୁ ଆରମ୍ଭ କରି ଏନକ୍ଲୋଜର ବ୍ୟବସ୍ଥା କରାଯାଇନି। କାମ ଶେଷ ହେବା ପରେ ଆଇସିସି ପୁଣି ସବୁ କିଛି ଯା□ କରିବ। ଏହାପରେ ସେଠାରେ ମ୍ୟାଚ୍ ଖେଳାଯିବ। କି ନାହିଁ, ତାର ନିଷ୍ପତ୍ତି ହେବ ବୋଲି ଏହି ସୂତ୍ରରେ କୁହାଯାଇଛି।

ସାଧାଣତଃ ଆଇସିସି ଇଭେଣ୍ଟ ଆୟୋଜନ ହେଉଥିବା ଷ୍ଟାଡିୟମର କାମ ବହୁତ ପୂର୍ବର ଶେଷ ହୋଇଥାଏ। ଏହାଦ୍ୱାରା ଆଇସିସିକୁ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ସେଠାରେ ଥିବା ବ୍ୟବସ୍ଥାକୁ ଯା□ ପାଇଁ ସମୟ ମିଳିଥାଏ। ହେଲେ ପାକିସ୍ତାନ କ୍ଷେତ୍ରରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି।

## ସମସ୍ତ ପ୍ରକାର ଫର୍ମାଟରୁ ଅବସର ଘୋଷଣା କଲେ ଗୁପ୍ଟିଲ୍

ନୂଆଦିଲ୍ଲୀ,୮ ୧ : ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ନ୍ୟୁଜିଲାଣ୍ଡର ପୂର୍ବତନ ଦୁର୍ଦ୍ଦଶ ବ୍ୟାଟର ମାର୍ଟିନ ଗୁପ୍ଟିଲ୍ ୩୮ ବର୍ଷୀୟ ଗୁପ୍ଟିଲ୍ ତାଙ୍କ ୧୪ ବର୍ଷର ଲମ୍ବା କ୍ୟାରିୟରରେ ସମସ୍ତ ପ୍ରକାର ଫାର୍ମାଟରେ ନ୍ୟୁଜିଲାଣ୍ଡ ପାଇଁ ୩୬୭ ଟି ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ତାଙ୍କର ୨୩ ଟି ଶତକ ସାମିଲ ରହିଛି।

ନ୍ୟୁଜିଲାଣ୍ଡ ଖେଳାଳି ଭାବେ ସେ ଟି୨୦ ରେ ୧୨୨ ମ୍ୟାଚ୍ ଖେଳି ସର୍ବାଧିକ ୩,୫୩୧ ରନ୍ ସ୍କୋର କରିଛନ୍ତି ସେହିପରି ସେ ଦିନିକିଆରେ ୭,୩୪୬ ରନ୍ ସ୍କୋର କରି ରସ ଟେଲର ଏବଂ ଷ୍ଟେଫେନ ଫ୍ଲେମିଂଙ୍କ ପଛକୁ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୦୯ ରେ ଦିନିକିଆ। କ୍ରିକେଟରେ ପଦାର୍ପଣ କରିଥିବା ଗୁପ୍ଟିଲ୍ ନ୍ୟୁଜିଲାଣ୍ଡର ପ୍ରଥମ ଖେଳାଳି ଭାବେ ପଦାର୍ପଣ ମୁକାବିଲାରେ ଶତକ ହାସଲ କରିଥିଲେ। ଅବସର ଘୋଷଣା କରି ସେ ଲେଖିଛନ୍ତି, ଏକ ଛୋଟ ପିଲା ଭାବରେ ନ୍ୟୁଜିଲ୍ୟାଣ୍ଡ ପାଇଁ ଖେଳିବା ସର୍ବଦା ମୋର ସ୍ୱପ୍ନ ଥିଲା ଏବଂ ମୁଁ ମୋ ଦେଶ ପାଇଁ ୩୬୭ ଟି ମ୍ୟାଚ୍ ଖେଳିଥିବାରୁ ମୁଁ ଅତ୍ୟନ୍ତ ଭାଗ୍ୟବାନ ଏବଂ ଗର୍ବିତ ଅନୁଭବ କରେ ଏକ ବଡ଼ ଦଳ ସହିତ ରୂପା ଜର୍ସି ପିନ୍ଧିଥିବା ସ୍ମୃତିକୁ ମୁଁ ସବୁଦିନ ପାଇଁ ମନେ ରଖିବି ବୋଲି ଗୁପ୍ଟିଲ୍ କହିଛନ୍ତି।

ଏହି ଅବସରରେ ସେ ପତ୍ନୀ ଦୁଇ ପିଲା, ସମସ୍ତ ଦଳର ସାଥୀ ଖେଳାଳି ବଂ କୋଚିଂ କର୍ମଚାରୀଙ୍କୁ ବିଶେଷ ଭାବରେ ମାର୍କ ଓଡୋନେଲଙ୍କୁ ଅଶେଷ ଧନ୍ୟବାଦ ଦେଇଥିଲେ। ଟେଷ୍ଟ ବିଷୟରେ କହିଲେ ଗୁପ୍ଟିଲ୍ ୪୭ ଟି ମ୍ୟାଚରେ ନ୍ୟୁଜିଲାଣ୍ଡ ପାଇଁ ୨୫୮୬ ରନ୍ କରିଥିଲେ। ତାଙ୍କର ତିନୋଟି ଟେଷ୍ଟ ଶତକ ମଧ୍ଧ ରହିଛି। ଯାହା ସେ ୨୦୧୦ ରେ ବାଂଲାଦେଶ ବିପକ୍ଷରେ ୧୮୯, ୨୦୧୧ ରେ ଜିମ୍ବାୱେ ବିପକ୍ଷରେ ୧୦୯ ଏବଂ ୨୦୧୫ ରେ ଶ୍ରୀଲଙ୍କା ବିପକ୍ଷରେ ୧୫୬ ରନ୍ କରିଥିଲେ।।

## ୧୮ରେ ଦିବାରାତ୍ର ଭଲିବଲ

ବରୀ,୮।୧: ବରୀ ବ୍ଲକ୍ ଅନ୍ତର୍ଗତ ସାହୁପଡା ପ□ାୟତ ନିକଟରେ ଥିବା ସ୍ଥିତ କଚେରୀ ପଡ଼ିଆ। ରେ ରାଜ୍ୟସ୍ତରୀୟ ଏକଦିବସୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଯାହାକୁ ଯଯାତି କେଶରୀ ଜେନା ସ୍ମାରକୀ ନାମରେ ନାମିତ ହୋଇଛି। ଏହି ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୮ତାରିଖ ଦିନ ଅନୁଷ୍ଠିତ ହେବ ଏହି ଟୁର୍ଣ୍ଣାମେଣ୍ଟ କରାଯିବା କୁ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି।

ସଞ୍ଜିବ ସେନା ଧାରପୁର ଦ୍ୱାରା ଆୟୋଜିତ ହେଉଥିବା ଏହି ଏକଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଓଡିଶାର ୪ ପ୍ରମୁଖ ଦଳ ଅଂଶ ଗ୍ରହଣ କରିବେ ବୋଲି କୁହାଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ କିଟ୍



ଭୁବନେଶ୍ୱର, ଖୋର୍ଦ୍ଧା ରେଲେ ଖୋର୍ଦ୍ଧା, କେଏସ୍ଆର ସର୍ଭିସ୍ ପାରାଦୀପ ଓ ଏପି ସିକ୍ସସ ବାଲେଶ୍ୱର ଅଂଶ ଗ୍ରହଣ କରୁଛନ୍ତି ବୋଲି ସଞ୍ଜିପ ସେନା ର ଆବାହକ ସଞ୍ଜିବ କୁମାର ଜେନା ସୂଚନା ଦେଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀ ରେ ସଞ୍ଜିବ ସେନାର ସଭାପତି ଦେବେନ୍ଦ୍ର ନାଥ ଜେନା, ପୂର୍ବତନ ସମବାୟ ସମିତି ସଭାପତି ସରୋଜ ଜେନା, ଗୁରୁ ଚରଣ ଦାସ, ବିବେକାନନ୍ଦ ଜେନା, ସଚିଦାନନ୍ଦ ଜେନା, ଗୀରିନ୍ଦ୍ର ପତି, ଅଭିରାମ ଦାସ, ପ୍ରଦୀପ୍ତ ରାଜ, ନରେନ୍ଦ୍ର ସାହୁ, ନିର୍ମଳ ବାରିକ, ଅଜୟ ଧଳ, ଅଶୋକ ପଣ୍ଡା, ଗୋପୀନାଥ ମଲିକ, ମାନସ ଜେନା, କମଳା କାନ୍ତ ଶ୍ୟାନ୍ତି, ଅମୀୟ କୁମାର ପରିଡ଼ା ଓ ରବିନ୍ଦ୍ର ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୟୁନିସ ଖାନ ଆଫଗାନିସ୍ତାନର ମାର୍ଗଦର୍ଶକ

ଲାହୋର,୮।୧: ପାକିସ୍ତାନ ଓ ଦୁବାଇରେ ଖେଳା ଯିବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାଇଁ ବଡ଼ ଘୋଷଣା କରିଛି ଆଫଗାନିସ୍ତାନ ଆଜି ପାକିସ୍ତାନ ଟିମର ପୂର୍ବତନ କ୍ରିକେଟର ୟୁନିସ ଖାନଙ୍କୁ ଆଫଗାନିସ୍ତାନର ମାର୍ଗଦର୍ଶକ ବା ମେଣ୍ଟୋର ଭାବେ ନିଯୁକ୍ତି ଦିଆଯାଇଛି।

ସେ ଚାମ୍ପିୟନ୍ସ ଟ୍ରଫିରେ ଆଫଗାନିସ୍ତାନ ଟିମର ମେଣ୍ଟୋର ଭୂମିକାରେ ରହିବେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ବା ଏସିବି ଏହି ଖବରକୁ ନିଶ୍ଚିତ କରିଛି ୟୁନିସ ଖାନ ପୂର୍ବରୁ ଅର୍ଥାତ ୨୦୨୨ରେ ଆଫଗାନିସ୍ତାନର ବ୍ୟାଟିଂ କୋଚ ଭାବେ କାମ କରିଥିଲେ ଏବେ ତାଙ୍କୁ ନୂଆ। ଦାୟିତ୍ୱରେ ଦେଖିବାକୁ ମିଳିବ। ଏସିବି ମୁଖପାତ୍ର ସୟିଦ ନସିମ ସାଦତ କହିଛନ୍ତି, ପାକିସ୍ତାନର ପୂର୍ବତନ ଟପ ଅର୍ଡର ବ୍ୟାଟର ୟୁନିସ ଖାନଙ୍କୁ ଏସିବି ଚାମ୍ପିୟନ୍ସ ଟ୍ରଫି ପାଇଁ ମେଣ୍ଟୋର ଭାବେ



ନିଯୁକ୍ତ କରିଛି ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ସେ ଟିମରେ ଯୋଗଦେବେ।

ପାକିସ୍ତାନର ଅନ୍ୟତମ ମହାନ କ୍ରିକେଟରଙ୍କ ମଧ୍ୟରୁ ୟୁନିସ ଖାନ ଅନ୍ୟତମ ସେ ୧୧୮ଟି ଟେଷ୍ଟରେ ୧୦,୦୯୯ ରନ ସଂଗ୍ରହ କରିଥିବା ବେଳେ ଗୋଟିଏ ଥର ୩୧୩ ରନର ଇନିଂସ ଖେଳିଥିଲେ ନିଜର ଖେଳ ଜୀବନ ସମୟରେ ସେ ଏକଦା ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନ ମଧ ଦଖଲ କରିଥିଲେ ପାକିସ୍ତାନର ଅଧିନାୟକ ଭାବେ ସେ ୨୦୦୯ରେ ଟି-୨୦ ବିଶ୍ୱକପ ଦେଶ ପାଇଁ ଜିତିଥିଲେ।

କ୍ରିକେଟରୁ ଅବସର ନେବା ପରେ ୟୁନିସ ଖାନ କୋଚିଂ ଓ ମେଣ୍ଟୋର ଭାବେ କାମ ଆରମ୍ଭ କରିଥିଲେ ସେ କିଛି ମାସ ପାଇଁ ପାକିସ୍ତାନର ବ୍ୟାଟିଂ କୋଚ ରହିଥିଲେ ନିକଟରେ ଅବୁ ଧାବି ଟି-୧୦ ଲିଗରେ ସେ ବଙ୍ଗଳା ଟାଇଗର୍ସର ମୁଖ୍ୟ କୋଚ ଥିଲେ।

## ବୁମରାଙ୍କୁ କ୍ୟାରିଅରର ଶ୍ରେଷ୍ଠ ରେଟିଂ

ଦୁବାଇ,୮।୧: ଆଇସିସି ପୁରୁଷ ଟେଷ୍ଟ ଖେଳାଳି ରାଙ୍କିଙ୍ଗ ଭାରତୀୟ ଫ୍ୟାନ୍ସଙ୍କ ପାଇଁ ମିଶ୍ରିତ ଉତ୍ସାହ ଆଣିଛି ଭାରତୀୟ ଟିମର ସ୍ପିଡଷ୍ଟର ଯଶପ୍ରୀତ ବୁମ୍ରା କ୍ୟାରିୟରର ଶ୍ରେଷ୍ଠ ରେଟିଂ ୯୦୮ ପଏଣ୍ଟ ସହ ରାଙ୍କିଙ୍ଗର ୧ନଂ ସ୍ଥାନରେ ନିଜର ସ୍ଥାନକୁ ମଜବୁତ କରିଛନ୍ତି।




ବର୍ଡର-ଗାଭାସ୍କର ଟ୍ରଫିରେ ବୁମ୍ରା ଦମଦାର ପ୍ରଦର୍ଶନ କରିଥିଲେ ହେଁ ଭାରତ ୧-୩ରେ ଅଷ୍ଟ୍ରେଲିଆ। ଠାରୁ ହାରି ଯାଇଛି ସେହିପରି ଦଳର ବିଶ୍ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାର ସ୍ୱପ୍ନ ମଧ ଚୂରମାର ହୋଇଯାଇଛି।

୫ ଟେଷ୍ଟ ପୂର୍ବରୁ ବୁମ୍ରାଙ୍କ ରେଟିଂ ପଏଣ୍ଟ ୯୦୭ ରହିଥିଲା ।୫ମ ଟେଷ୍ଟର ପ୍ରଥମ ଇନିଂସରେ ସେ ୨ଟି ୱିକେଟ ନେବାରୁ ତାଙ୍କ ରେଟିଂ ୯୦୮ ପଏଣ୍ଟରେ ପହ□ିଥିଲା। ତେବେ ଆହତ ସମସ୍ୟା ଯୋଗୁ ସେ ୫ମ ଟେଷ୍ଟର ଦ୍ୱିତୀୟ ଇନିଂସରେ ବୋଲିଂ କରିପାରି ନଥିଲେ।

ବୁମ୍ରା ୧ନଂ ସ୍ଥାନରେ ସ୍ଥିର ରହିଥିବା ବେଳେ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ସ୍କଟ ବୋଲାଣ୍ଡଙ୍କୁ ଐତିହାସିକ ସଫଳତା ମିଳିଛି ସେ ଭାରତ ବିପକ୍ଷ ୫ମ ଟେଷ୍ଟରେ ୧୦ ିକେଟ ଦଖଲ କରିବାରୁ ଟପ୍ ୧୦ରେ ପ୍ରବେଶ କରିଛନ୍ତି ସେ ପ୍ରଥମ ଇନିଂସରେ ୪ଟି ଓ ଦ୍ୱିତୀୟ ଇନିଂସରେ ୬ଟି ିକେଟ ନେଇଥିଲେ

ବୋଲାଣ୍ଡ ଏକାଥରେ ୨୯ଟି ସ୍ଥାନ ଉପରକୁ ଉଠି ୧୦ନଂରେ ପହ□ିଛନ୍ତି। ପାଟ କମିନ୍ସ ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ପାକିସ୍ତାନ ବିପକ୍ଷରେ ୬ ୱିକେଟ ନେଇଥିବା ଦକ୍ଷିଣ ଆଫ୍ରିକାର କାଗିସୋ ରବାଡା ତୃତୀୟ ସ୍ଥାନ ଦଖଲ କରିଛନ୍ତି।

ଅନ୍ୟପକ୍ଷରେ ବ୍ୟାଟିଂ ରାଙ୍କିଙ୍ଗ ଦେଖିଲେ, ଭାରତର ଋଷଭ ପନ୍ତ ୩ଟି ସ୍ଥାନ ଉପରକୁ ଉଠି ୯ନଂରେ ପହ□ିଛନ୍ତି।

## ନିଜ ଭୁଲ୍ ମାନିଲେ ଅଷ୍ଟ୍ରେଲିୟ କ୍ରିକେଟର୍

ନୂଆଦିଲ୍ଲୀ,୮।୧: ଏକ ଦଶନ୍ଧି ପରେ ଅଷ୍ଟ୍ରେଲିଆ। ଭାରତରୁ ବର୍ଡର-ଗାଭାସ୍କର ଟ୍ରଫି ଛଡ଼ାଇ ନେଇଛି। ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ ଅଧୀନରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏକ ପା□ ଟେଷ୍ଟ ସିରିଜ ଖେଳାଯାଇଥିଲା। ଭାରତକୁ ସିରିଜରେ ୧-୩ରେ ପରାସ୍ତ ହୋଇଥିଲା ସାମ କନଷ୍ଟାସ୍ ଅଷ୍ଟ୍ରେଲିଆ। ପାଇଁ ଡେବ୍ୟୁ କରିଥିଲେ ବର୍ଡର-ଗାଭାସ୍କର ସିରିଜର ମେଲବୋର୍ନ ଟେଷ୍ଟରେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲା।

ମେଲବୋର୍ନ ଟେଷ୍ଟରେ ଡେବ୍ୟୁ ଇନିଂସରେ ବିରାଟ କୋହଲିଙ୍କ ସହ ସାମ କନଷ୍ଟାସଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହି ବିବାଦ ମେଲବୋର୍ନ ଟେଷ୍ଟର ଦଶମ ଓଭରରେ ହୋଇଥିଲା କୋହଲି କନଷ୍ଟାସଙ୍କ କାନ୍ଧରେ ମୁହାଁମୁହିଁ ହୋଇଥିଲେ ସିଡନୀ ଟେଷ୍ଟରେ ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ




ଜସପ୍ରୀତ ବୁମ୍ରାଙ୍କ ସହ କନଷ୍ଟାସଙ୍କ ଆଉ ଏକ ବିବାଦ ହୋଇଥିଲା ପ୍ରଥମ ଦିନର ଖେଳ ଶେଷ ହେବା ପୂର୍ବରୁ ଏହି ଘଟଣା ୨.୫ ଓଭରରେ ଘଟିଥିଲା କନଷ୍ଟାସ ଭାରତୀୟ ଦଳର ସମୟ ନଷ୍ଟ କରିବା ପାଇଁ ବୁମରାଙ୍କ ଉପରେ କମେଣ୍ଟ ଦେଉଥିଲେ କିନ୍ତୁ ବର୍ତ୍ତମାନ ଏକ ସାକ୍ଷାତକାରରେ ସାମ କନଷ୍ଟାସ୍ ତାଙ୍କ ଭୁଲକୁ ଗ୍ରହଣ କରିଛନ୍ତି ଏବଂ ବିରାଟ କୋହଲିଙ୍କୁ ମଧ ତାଙ୍କର ଆଦର୍ଶ ବୋଲି ବିବେଚନା କରିଛନ୍ତି।

ଏକ ସାକ୍ଷାତକାରରେ କନଷ୍ଟାସ କହିଛନ୍ତି, ମୁଁ ଅନୁଭବ କଲି ଯେ ମ୍ୟାଚରେ ରହିବା ଏବଂ ମୋର ଶ୍ରେଷ୍ଠ ଦେବା ଜରୁରୀ ଅଟେ କିନ୍ତୁ ସେତେବେଳେ ମୁଁ ଟିକିଏ ସମୟ ନଷ୍ଟ କରିବାକୁ ଚେଷ୍ଟା କଲି ଯାହା ଦ୍ୱାରା ଭାରତୀୟ ଦଳ ଆଉ ଏକ ଓଭର ପାଇପାରିବ ନାହିଁ କିନ୍ତୁ ବୁମ୍ରା ସେ ଶେଷରେ ମ୍ୟାଚ ଜିତିଥିଲେ ଏବଂ ସେ ପୁରା ସିରିଜରେ ୩୨ ଉଇକେଟ ନେଇଥିଲେ, ଏହା ମୋ ପାଇଁ ଏକ ବଡ଼ ଶିକ୍ଷା ଥିଲା।କନଷ୍ଟାସ ବିରାଟ କୋହଲିଙ୍କ ପ୍ରତି ମଧ ଆଗ୍ରହ ପ୍ରକାଶ କରି କହିଛନ୍ତି, ମ୍ୟାଚ ପରେ ମୁଁ କୋହଲିଙ୍କ ସହ କଥା ହୋଇ ତାଙ୍କୁ କହିଥିଲି ଯେ ମୁଁ ତାଙ୍କର ଜଣେ ବଡ ପ୍ରଶଂସକ ତାଙ୍କ ବିପକ୍ଷରେ ଖେଳିବା ମୋ ପାଇଁ ଗୌରବର ବିଷୟ ସେ ବହୁତ ସରଳ ଏବଂ ମିଠା ସେ ମୋତେ ଶୁଭେଚ୍ଛା ଜଣାଇ ଶ୍ରୀଲଙ୍କା ଗସ୍ତରେ ଭଲ କରିବାକୁ କହିଥିଲେ।

## ୬ ମାସ ଯାଏଁ ଖେଳିପାରିନପାରନ୍ତି ବୁମରା

ନୂଆଦିଲ୍ଲୀ,୮।୧: ଚାମ୍ପିଅନ୍ସ ଟ୍ରଫି ଲାଗି ଜାନୁଆରୀ ୧୨ରେ ଦଳ ଘୋଷଣା ହେବ ଏଥିରେ ଦ୍ରୁତ ବୋଲର୍ ଜସପ୍ରିତ ବୁମ୍ରା ଖେଳିବେ କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି କାରଣ ତାଙ୍କ ଆଘାତ ନେଇ ସ୍ଥିତି ସ୍ପଷ୍ଟ କରୁନାହିଁ ବିସିସିଆଇ

ଗଣମାଧ୍ୟମ ରିପୋର୍ଟ ମୁତାବକ, ବୁମ୍ରାଙ୍କ ଭଳି ଆହତ ସମସ୍ୟା ସହ ଲଢ଼ୁଥିବା ବ୍ୟକ୍ତି ଏବଂ ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବାନୁଯାୟୀ ଯଦି ଏହା କେବଳ ବ୍ୟାକ୍ ସ୍ପାଜମ୍(ଯାହାକି ଟିମ୍ ମ୍ୟାନେଜମେଣ୍ଟ କହୁଛି), ତେବେ ବୁମ୍ରା ଚାମ୍ପିଅନ୍ସ ଟ୍ରଫି ଖେଳାଯିବା ମଧ୍ୟରେ ଫିଟ୍ ହୋଇଯିବେ। ହେଲେ ସୋସିଆଲ ମିଡିଆରେ ଶେୟାର କରାଯାଉଥିବା ଆଉ କିଛି ରିପୋର୍ଟ ମୁତାବକ ଯଦି ଏହା ଗ୍ରେଡ୍ ୧ ଶ୍ରେଣୀର ଆଘାତ ତେବେ ତାଙ୍କୁ ୬ ମାସ ଯାଏ ଦଳରୁ ବାହାରେ ରହିବାକୁ ହେବ।

ଏବେ ସବୁକିଛି ଆଘାତର ଶେଷ ଯା□ ଉପରେ ନିର୍ଭର କରିବ ଯଦି ଷ୍ଟ୍ରେସ୍ ଫ୍ୟାକ୍ଚର ହୋଇ ନ ଥାଏ ତେବେ ଜାନୁଆରୀ ଶେଷ ମଧ୍ୟରେ ସେ ମଇଦାନକୁ ଫେରିପାରନ୍ତି ଅର୍ଥାତ ସେ ଚାମ୍ପିଅନ୍ସ ଟ୍ରଫିରେ ଖେଳୁଥିବା ନଜର ଆସିବେ।

ଏବେ ଦେଖିବାକୁ ହେବ ଯେ ବୁମ୍ରା କେବେ ମଇଦାନକୁ ଓହ୍ଲାଉଛନ୍ତି ? ସେ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ ଖେଳିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି ।ହେଲେ ଚାମ୍ପିଅନ୍ସ ଟ୍ରଫିରୁ ସେ ବାଦ୍ ପଡ଼ିବେ କି ନାହିଁ ସେନେଇ କିଛି ଦିନରେ ଆଧିକାରୀକ ଭାବେ ସ୍ପଷ୍ଟ ହୋଇଯିବ।

## କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା କିଟ୍‌ରେ ସାଇକଲ ଭେଲୋଡ୍ରୋମ୍ ଉଦ୍‌ଘାଟିତ

ଭୁବନେଶ୍ୱର,୮।୧: କିଟ୍‌ରେ ଭାରତର ପ୍ରଥମ ଅନ୍ତର୍ଜାତୀୟସ୍ତରର ସାଇକ୍ଲିଂ ଭେଲୋଡ୍ରୋମ୍ ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଯାଇଛି। ଭାରତର ପ୍ରଥମ ମହିଳା ସାଇକ୍ଲିଷ୍ଟ, ସାଇକ୍ଲିଂରେ ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା ସ୍ୱନାମଧନ୍ୟ ସାଇକ୍ଲିଷ୍ଟ ମିନତି ମହାପାତ୍ରଙ୍କ ନାମରେ ଏହି ଭେଲୋଡ୍ରୋମ ନାମିତ କରାଯାଇଛି। ୨୫୦ ମିଟର ବିଶିଷ୍ଟ ଏହି କଂକ୍ରିଟ୍ ଭେଲୋଡ୍ରୋମ ଭାରତର ପ୍ରଥମ ଅନ୍ତର୍ଜାତୀୟ ଭେଲୋଡ୍ରୋମ୍ ବୋଲି କୁହାଯାଉଛି। ଭେଲୋଡ୍ରୋମ୍‌କୁ ଉଦ୍‌ଘାଟନ କରି କେନ୍ଦ୍ର ମନ୍ତ୍ରୀ ଡ. ମାଣ୍ଡବ୍ୟ କହିଲେ, ମୁଁ କିଟ୍ ଓ କିସ୍ ପରିଦର୍ଶନ କରିବା ପରେ ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହୋଇଥିବା ଦେଖିବାକୁ ପାଉଛି। ଚାଣକ୍ୟଙ୍କ ଉକ୍ତିର ଉଦାହରଣ ଦେଇ ସେ ଦେଶର ଭବିଷ୍ୟତ ଗଠନରେ ଶିକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ହେଉଛନ୍ତି ଏ ଦେଶର ଭବିଷ୍ୟତ। ଦେଶର ଏହି ଭବିଷ୍ୟତମାନଙ୍କୁ ଗଢ଼ିବାରେ ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ଦକ୍ଷ ଓ ନିଷ୍ଠାପର ଶିକ୍ଷାବିତ୍‌ଙ୍କ କାର୍ଯ୍ୟଧାରାରେ ଆନନ୍ଦିତ ବୋଲି ସେ କହିଥିଲେ। ଶ୍ରୀ



ସାମନ୍ତ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ ଧ୍ୟାନ ଦେଉଛନ୍ତି। ସେମାନଙ୍କୁ ଦେଶର ଜଣେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଏଠାରେ ଗଢ଼ିତୋଳାଯାଉଛି। ମୁଁ ଯେଉଁଠିକୁ ବି ଯିବି ସେଠାରେ କିସ୍‌ରେ ଯେଉଁ ସବୁ କାର୍ଯ୍ୟଧାରା ଚାଲୁରହିଛି ଓ କିସ୍‌ର ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଜ୍ଞାନ ସମ୍ପର୍କରେ ନିଶ୍ଚିତ ଭାବେ କହିବି।

ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍ ସବୁବେଳେ ଶିକ୍ଷା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। ଏଠାରେ ଗୋଟିଏ ସ୍ଥାନରେ ଥିବା କ୍ରୀଡ଼ା ଭିତ୍ତିଭୂମି ଦେଶର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନଥାଏ। ଭବିଷ୍ୟତରେ କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ସେ କହିଥିଲେ। ସାଇକ୍ଲିଷ୍ଟ ମିନତି ମହାପାତ୍ର କହିଲେ, ମୋତେ ଏଭଳି ଭାବେ ସମ୍ମାନିତ କରାଯାଇଥିବାରୁ ମୁଁ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଉଛି। ଶ୍ରୀ ସାମନ୍ତ ସବୁବେଳେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିଆସୁଛନ୍ତି।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ମହାସଚିବ ମନିନ୍ଦର ପାଲ ସିଂହ, ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍‌ର ସମ୍ପାଦକ ପ୍ରସନ୍ନ କୁମାର ରାଉତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମାଣ୍ଡବ୍ୟ ଦୀର୍ଘ ୨ ଘଣ୍ଟା ଧରି କିଟ୍ ଓ କିସ୍‌ର ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ଦେଖିବା ସହ କ୍ରୀଡ଼ାବିତ୍‌ଙ୍କ ସହ ଭାବ ବିନିମୟ କରିଥିଲେ।

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂ)

### ବିକଶିତ...

ଜନକ ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ଆସିଥିଲେ । ବର୍ଣ୍ଣ ବୈଷମ୍ୟ, ମାନବାଧିକାର , ବିକାଶ ବାଧକତା ଇତ୍ୟାଦି ସମସ୍ୟାର ସମାଧାନରେ ବିପୁଳ ଅଭିଜ୍ଞତା ଆହରଣ କରି ଆସିଥିବା ଗାନ୍ଧିଙ୍କ ନେତୃତ୍ୱରେ ଦେଶର ସ୍ୱାଧୀନତା ସମ୍ଭବ ହୋଇଥିଲା । ସେହିପରି ପ୍ରବାସୀ ଭାରତୀୟମାନେ ସେମାନଙ୍କର ଅନୁଭବ ଓ ଅଭିଜ୍ଞତା ଆଧାରରେ ଏକ ବିକଶିତ ଭାରତର ନିର୍ମାଣରେ ଅଂଶୀଦାର ହୋଇପାରିବେ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଆମର ଲକ୍ଷ୍ୟ। ବିକଶିତ ଭାରତ ପାଇଁ ଯୁବବର୍ଗଙ୍କ ଭାଗିଦାରୀ ଜରୁରୀ। ଦେଶର ହିତ ପାଇଁ ଯୁବବର୍ଗଙ୍କୁ ଯୋଗଦାନ କରିବାକୁ ହେବ। ଦେଶରେ ଏବେ ୨୦ ନାଗରିକରୁ ୧୩ ଜଣ ଯୁବ ୧ ଲକ୍ଷ ଯୁବ ନେତୃତ୍ୱ ଗଠନ ପାଇଁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି କୋଭିଡ ସମୟରେ ଯୁବ ବୈଜ୍ଞାନିକଙ୍କ ଅବଦାନକୁ ଭୁଲି ହେବନି। ପ୍ରବାସୀ ଭାରତୀୟ ୱାଇ.ବି. ପ୍ରଭାକରନ (ମାଲେସିଆ),ଈଶାନୀ ଶାଣ୍ଡିଲ୍ୟ(ହଂକଂ), ଡନ୍ ମ୍ୟାକଲେନ ଗିଲ (ଫିଲିଫାଇନସ୍), ମୌଇଉଦିନ ମହମ୍ମଦ ଅଲ୍ଲି(ମସ୍କଟ), ମିସ ରେବତୀ ପିଲାଇ(ଦକ୍ଷିଣ ଆଫ୍ରିକା) ଏବଂ ମିସ ମିକେଲା ପାଣ୍ଡେ(ତ୍ରିନିଦାଦ ଓ ଟୋବାଗୋ) ପ୍ରମୁଖ ପ୍ରବାସୀ ଭାରତୀୟ ନେତୃତ୍ୱର ଉଲ୍ଲେଖନୀୟ ଦୃଷ୍ଟାନ୍ତ।

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାଘେରିଟା କହିଲେ ଯେ, ଏହି ସମ୍ମିଳନୀ ଦେଶର ଯୁବଗୋଷ୍ଠୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନ କୌଶଳ ସାଙ୍ଗକୁ ପୋଷଣୀୟ ବିକାଶ ଲକ୍ଷ୍ୟର ଉପାଦାନଗୁଡ଼ିକର ବିସ୍ତାରପୂର୍ବକ ବିକଶିତ ଭାରତର ରୋଡମ୍ୟାପକୁ ସମ୍ପୂର୍ଣ୍ଣ ରୂପାୟିତ କରିବ।

ନ୍ୟୁଜ୍ ୱିକ୍ (ଆମେରିକା)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାରତୀୟ ବଂଶୋଦ୍ଭବ ଡଃ. ପ୍ରଗଡ ନିଜ ସଫଳ ଯାତ୍ରା ସଂପର୍କରେ ଉଲ୍ଲେଖ କରି ତାଙ୍କ ସଂଗଠନ ଅନେକ ସୋପାନ, ନେତୃତ୍ୱ ଓ ଡିଜିଟାଲ ଅଭିନବତ୍ୱ ଗ୍ରହଣ କରି ଆଜି ବିଶ୍ୱର ଅନ୍ୟତମ ବହୁଳ ପ୍ରସାରିତ ପ୍ରକାଶନ ସଂସ୍ଥା ଭାବରେ ଆଦୃତି ଅର୍ଜନ କରିଛି ବୋଲି କହିଥିଲେ । ପ୍ରବାସୀ ଭାରତୀୟ ଦିବସ ଆୟୋଜନ, ଭାରତ ଓ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ସଂପର୍କର ସେତୁକୁ ଦୃଢ଼ କରିଛି ବୋଲି ସେ ପ୍ରକାଶ କରିଥିଲେ। ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ରକ୍ଷା ନିଖିଲ ଖାଡସେ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ପ୍ରବାସୀ ଭାରତୀୟ, ବିଭିନ୍ନ ରଜ୍ୟରୁ ଆଗତ ବୁଦ୍ଧିଜୀବୀ, ଗବେଷକ, ସାମାଜିକ କର୍ମୀ ଓ ଉଦ୍ୟୋଗୀବୃନ୍ଦ ସମବେତ ହୋଇଥିଲେ।

ପ୍ରବାସୀ ଭାରତୀୟ ସମ୍ମିଳନୀରେ ୬୦ଟି ଦେଶର ପ୍ରତିନିଧି ସାମିଲ ହୋଇଛନ୍ତି। ବିଦେଶରେ ଓଡିଶା ବିକାଶର ରୋଡମ୍ୟାପ ପ୍ରସ୍ତୁତି ପାଇଁ ପ୍ରବାସୀ ଓଡିଆ। ବି ଆସିଛନ୍ତି ।ମନରେ ଅନେକ ଉତ୍ସୁକତା ରହିଛି। ବହୁ ପ୍ରବାସୀ ଓଡିଆ। ନିଜ ମାଟିକୁ ଆସିଥିବାରୁ ବେଶ ଖୁସି ପ୍ରକାଶ କରିଛନ୍ତି। ଯୁବ ପ୍ରବାସୀ ସମ୍ମିଳନୀ ପରେ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସମ୍ଭାବନା ନେଇ ପ୍ରବସୀମାନଙ୍କ ସହିତ ଆଲୋଚନା ହୋଇଛି ।ବିଶେଷକରି ପର୍ଯ୍ୟଟନ କ୍ଷେତ୍ରର ବିକାଶ ନେଇ ମତ ବିନିମୟ କରିଛନ୍ତି ପ୍ରବାସୀ। ଅପରାହ୍ନରେ ତୃତୀୟ ସେସନରେ ବିକଶିତ ଓଡିଶା ନେଇ ଇନଭେଷ୍ଟରଙ୍କ ସହ ଆଲୋଚନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ପ୍ରବାସୀ ଭାରତୀୟଙ୍କ ଆତିଥେୟତାରେ ଯେଭଳି କୌଣସି ତ୍ରୁଟି ନ ହୁଏ, ତା ଉପରେ ପୁରା ନଜର ରଖିଛନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ